# ପ୍ରଗତି ପଥେ



## ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା-୨୦୦୫

# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା - ୨୦୦୫

**ମୂଳ ଇଂରାଜୀ ଆଇନ :**
ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରାଳୟ
(ବିଧାନ ବିଭାଗ)
ନୂଆଦିଲ୍ଲୀ

**ଓଡ଼ିଆ ଭାଷାନ୍ତର ଓ ପ୍ରକାଶନ :**
ସି.ୱାଇ.ଏସ୍.ଡି.-ପଞ୍ଚାୟତିରାଜ ପ୍ରଭାଗ
ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧ ୦୧୩

ଭାଷା ଓ ସମ୍ପାଦନା : **ନିରୁପମା ରଥ**

**ଜନସ୍ୱାର୍ଥ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ**

# ଉତ୍ସର୍ଗ

ଓଡ଼ିଶାର ଗାଁ ଗହଳରେ ରହୁଥିବା
ଅଗଣିତ ଶ୍ରମିକ ଭାଇ ଓ ଭଉଣୀଙ୍କ
ଉଦ୍ଦେଶ୍ୟରେ ଶ୍ରଦ୍ଧା ଓ ସମ୍ମାନର
ସହ ସମର୍ପିତ

## ଆଉ ପାଦେ ଆଗକୁ...

ବଡ଼ ଖୁସିର କଥା ଯେ ଗ୍ରାମାଞ୍ଚଳରେ ଥିବା ପରିବାରଗୁଡ଼ିକୁ ପ୍ରତି ଆର୍ଥିକ ବର୍ଷରେ ଅନ୍ତତଃ ଶହେ ଦିନର ନିଶ୍ଚିତ କର୍ମ ସଂସ୍ଥାନ ଯୋଗାଇ ଦେଇ ସେମାନଙ୍କ ଜୀବନଜୀବିକାର ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଘଟାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର 'ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା -୨୦୦୫ ପ୍ରଣୟନ କରିଛନ୍ତି । ଏହା ଆମ ରାଜ୍ୟର ୧୯ଟି ପଛୁଆ ଜିଲ୍ଲାରେ ଆଗାମୀ ୨ ଫେବୃଆରୀ ୨୦୦୬ରୁ କାର୍ଯ୍ୟକାରୀ ହେବ । ସରକାରଙ୍କ ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ।

ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଶ୍ରମଭିତ୍ତିକ । ଓଡ଼ିଶା ଭଳି ଏକ ଅନଗ୍ରସର ରାଜ୍ୟରେ ଏହି ଯୋଜନାର ଆଇନଗତ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏହାର ବ୍ୟାପକ ପ୍ରଚାର ଓ ପ୍ରସାରର ଯଥେଷ୍ଟ ଗୁରୁତ୍ୱ ଓ ଆବଶ୍ୟକତା ରହିଛି । ବିଶେଷକରି ଏହି ଯୋଜନାର କାର୍ଯ୍ୟକାରିତା ଓ ସୁଚାରୁ ସଂପାଦନ ପାଇଁ ଗ୍ରାମ୍ୟ ସ୍ତରରେ କାମ କରୁଥିବା ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ, ଗୋଷ୍ଠୀ ଓ ନାଗରିକ ସମାଜ ସଂଗଠନ, ମହିଳା ସଂଗଠନର କର୍ମୀ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନର ଲୋକପ୍ରତିନିଧି ଏବଂ ଏହାର ହିତାଧିକାରୀ ବର୍ଗ ଏବିଷୟରେ ଜାଣିବା ନିହାତି ଆବଶ୍ୟକ । ଆହୁରି ମଧ ଯୋଜାନାଧିନ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା, ପ୍ରଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରାଇବା ସହ ହିତାଧିକାରୀଙ୍କ ହକ୍ ହାସଲ ଦିଗରେ ଏହି ସହାୟକ ପୁସ୍ତିକା ତା'ର ଦାୟିତ୍ୱ ନିର୍ବାହ କରିପାରିବ ବୋଲି ଆଶା ।

ପ୍ରତ୍ୟେକ ଲୋକ ଏଇ ଯୋଜନା ସଂପର୍କରେ ଜାଣନ୍ତୁ, ବୁଝନ୍ତୁ ଓ ତାହାକୁ କାମରେ ଲଗାନ୍ତୁ । ଲୋକମାନଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବା ଦିଗରେ ବିକାଶର ନୂଆବାଟ ଫିଟାନ୍ତୁ । ଆଇନ ତ ସବୁବେଳେ ଥିଲା, ଏବେ ଅଛି । ତେବେ ଲୋକେ ତାହାର ସୁଯୋଗ ନିଅନ୍ତୁ, ଆଇନର ଶକ୍ତି ଓ ସୁଫଳକୁ ଉପଭୋଗ କରନ୍ତୁ, ଏହାହିଁ କାମନା ।

ଜଗଦାନନ୍ଦ

# ଏଥିରେ ଅଛି ....


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ -୨୦୦୫ର ଉଦ୍ଦେଶ୍ୟ | ୧ |
| ୨. | ଅଧ୍ୟାୟ-୧<br>• ଆଇନର ସଂକ୍ଷିପ୍ତ ଶିରୋନାମା, ପରିସର ଓ ପ୍ରାରମ୍ଭ<br>• ସଂଜ୍ଞା | ୨-୫ |
| ୩. | ଅଧ୍ୟାୟ-୨<br>• ଗ୍ରାମୀଣ ପରିବାରଙ୍କୁ କର୍ମନିଯୁକ୍ତି ପ୍ରଦାନରେ ସୁନିଶ୍ଚିତତା | ୬ |
| ୪. | ଅଧ୍ୟାୟ-୩<br>• ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ବେକାରୀ ଭତ୍ତା<br>• ନିଯୁକ୍ତି ସର୍ତ୍ତ, ମଜୁରୀ ହାର, ବେକାରୀ ଭତ୍ତା ପ୍ରଦାନ | ୬-୧୧ |
| ୫. | ଅଧ୍ୟାୟ-୪<br>• କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ କର୍ତ୍ତୃପକ୍ଷ<br>• କେନ୍ଦ୍ରୀୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ଗଠନ ଓ କାର୍ଯ୍ୟ<br>• ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ଗଠନ ଓ କାର୍ଯ୍ୟ<br>• ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତା ନିମନ୍ତେ ପ୍ରମୁଖ କର୍ତ୍ତୃପକ୍ଷ<br>❖ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀଙ୍କ ନିଯୁକ୍ତି, କାର୍ଯ୍ୟ ଓ କର୍ତ୍ତବ୍ୟ<br>❖ ଗ୍ରାମ ପଞ୍ଚାୟତର ଦାୟିତ୍ୱ ଓ କର୍ତ୍ତବ୍ୟ<br>❖ ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା, ଆପତ୍ତି ଅଭିଯୋଗ ଶୁଣାଣି ଓ ଫଇସଲା | ୧୨-୨୩ |

୬. ଅଧ୍ୟାୟ-୫ ୨୪-୨୭
- ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ପାଣ୍ଠି ଓ ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପାଣ୍ଠି ଗଠନ ଓ ପାଣ୍ଠି ଯୋଗାଣ ପଦ୍ଧତି
- ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ, ହିସାବ ଯାଞ୍ଚ

୭. ଅଧ୍ୟାୟ-୬ ୨୮-୩୨
ଅନ୍ୟାନ୍ୟରେ
- ଆଇନ ଉଲଘଂନ ପାଇଁ ଦଣ୍ଡ ବ୍ୟବସ୍ଥା, କ୍ଷମତାର୍ପଣ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଦେବାର କ୍ଷମତା
- ସମୁଚିତ ଆଇନ ବ୍ୟବସ୍ଥାର ସୁରକ୍ଷା
- ସରକାରଙ୍କ ନୀତି ନିର୍ଦ୍ଧାରଣ କ୍ଷମତା, ରାଜ୍ୟ ସରକାରଙ୍କ ନିୟମ ପ୍ରଣୟନ କ୍ଷମତା, ନୀତି ଓ ଯୋଜନା ପ୍ରଣୟନ
- ସମସ୍ୟା ଉଚ୍ଛେଦ କ୍ଷମତା

୮. ଅନୁସୂଚୀ -୧ ୩୩-୩୬
ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବୈଶିଷ୍ଟ୍ୟ

୯. ଅନୁସୂଚୀ-୨ ୩୭-୪୩
ଯୋଜନାର ସର୍ତ୍ତାବଳୀ ଏବଂ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ, କାର୍ଯ୍ୟସ୍ଥଳୀରେ ସର୍ବନିମ୍ନ ବ୍ୟବସ୍ଥା, ଚିକିତ୍ସା ସେବା ଓ କ୍ଷତିପୂରଣ

## କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ

**ଅସାଧାରଣ**

ଭାଗ-୨ ଉପବିଭାଗ-୧

ପ୍ରାଧିକାର ଦ୍ୱାରା ପ୍ରକାଶିତ

ସଂଖ୍ୟା ୪୮, ନୂଆଦିଲ୍ଲୀ, ସେପ୍ଟେମ୍ବର ୭, ୨୦୦୫ / ଭାଦ୍ର ୧୬, ୧୯୨୭

## ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ

(ବିଧାନ ବିଭାଗ)

ନୂଆଦିଲ୍ଲୀ, ୭ ସେପ୍ଟେମ୍ବର ୨୦୦୫/ଭାଦ୍ର ୧୬, ୧୯୨୭

**ସଂସଦରେ ଗୃହୀତ ନିମ୍ନୋକ୍ତ ଆଇନ ଗତ ୫ ସେପ୍ଟେମ୍ବର ୨୦୦୫ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି ଓ ଏବେ ଏହାକୁ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି ।**

## ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ, ୨୦୦୫

ସଂଖ୍ୟା-୪୨/୨୦୦୫

*(୫ ସେପ୍ଟେମ୍ବର ୨୦୦୫)*

ଏହି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ, ୨୦୦୫ର ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଥିବା ପରିବାରଗୁଡିକୁ ପ୍ରତି ଆର୍ଥିକ ବର୍ଷରେ ଅନ୍ତତଃ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇ ଦେଇ ସେମାନଙ୍କ ଜୀବନଜୀବିକାର ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା । ଏହି ଯୋଜନାରେ ଗ୍ରାମାଞ୍ଚଳରେ ଥିବା ପ୍ରତି ପରିବାରର ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ସେହି ସବୁ ବ୍ୟକ୍ତିମାନେ ହିତାଧିକାରୀ ହୋଇପାରିବେ, ଯିଏକି ଅଣକୁଶଳୀ ହୋଇମଧ୍ୟ ଶାରୀରିକ ଶ୍ରମ କରିବା ପାଇଁ ଇଚ୍ଛୁକ ଥିବେ ।

ଭାରତୀୟ ଗଣତନ୍ତ୍ରର ୫୬ ବର୍ଷରେ
ଏହି ଆଇନକୁ ଭାରତୀୟ ସଂସଦରେ ନିମ୍ନମତେ ମଞ୍ଜୁରୀ ମିଳିସାରିଛି ।

## ଅଧ୍ୟାୟ-୧

# ପ୍ରାରମ୍ଭିକ

### ୧. ଆଇନର ସଂକ୍ଷିପ୍ତ ଶିରୋନାମା : ପରିସର ଏବଂ ପ୍ରାରମ୍ଭ

୧) ଏହି ଅଧିନିୟମକୁ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ-୨୦୦୫ ବୋଲି କୁହାଯିବ ।

୨) ଏହା କେବଳ ଜାମ୍ମୁ ଏବଂ କାଶ୍ମୀର ରାଜ୍ୟକୁ ବାଦ୍‌ଦେଇ ଦେଶର ଅନ୍ୟ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ ହେବ ।

୩) ଯେଉଁଦିନଠାରୁ କେନ୍ଦ୍ର ସରକାର ଏହି ଆଇନକୁ ସରକାରୀ ବିଜ୍ଞପ୍ତି ଦ୍ୱାରା ପ୍ରକାଶ କରିବେ ଓ ଯେଉଁ ଦିନଠାରୁ ଏହି ଆଇନକୁ ବିଭିନ୍ନ ରାଜ୍ୟରେ ଲାଗୁ କରିବା ପାଇଁ ଧାର୍ଯ୍ୟ କରିବେ ଏହା ସେହି ଦିନଠାରୁ ସାରା ଦେଶରେ କାର୍ଯ୍ୟକାରୀ ହେବ । ତେବେ ଯେପରି ହେଉ ଏହି ଆଇନକୁ ସଂସଦରେ ମଞ୍ଜୁରୀ ମିଳିବାର ପାଞ୍ଚବର୍ଷ ମଧ୍ୟରେ ଦେଶର ସମସ୍ତ ଅଞ୍ଚଳରେ ଲାଗୁ କରାଯିବ ।

### ୨. ସଂଜ୍ଞା

ଏହି ଆଇନରେ

କ) ଯାହାଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇସାରିଥିବ ସେହି ବ୍ୟକ୍ତିଙ୍କୁ 'ସାବାଳକ' କୁହାଯିବ ।

ଖ) ସେହିପରି ଏହି ଯୋଜନାରେ ନିଯୁକ୍ତ ହେବାପାଇଁ ଗୋଟିଏ ପରିବାରର ମୁଖ୍ୟ ବା ଅନ୍ୟକୌଣସି ସାବାଳକ ଆବେଦନ କରିବେ ତାଙ୍କୁ 'ଆବେଦନକାରୀ' କୁହାଯିବ ।

ଗ) 'ବ୍ଲକ୍' କହିଲେ କେତୋଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ଗୋଟିଏ ଗୋଷ୍ଠୀ ଉନ୍ନୟନ ଅଞ୍ଚଳକୁ ବୁଝାଯିବ ।

ଘ) 'କେନ୍ଦ୍ରୀୟ ପରିଷଦ' କହିଲେ ଏହି ଅଧିନିୟମର ଧାରା ୧୦ର ଉପଧାରା (୧) ଅନୁଯାୟୀ ଗଠିତ ହୋଇଥିବା କେନ୍ଦ୍ରୀୟ-ନିଶ୍ଚିତ କର୍ମ ନିଯୁକ୍ତି ପରିଷଦକୁ ବୁଝାଇବ ।

ଙ) ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ (ଧାରା ୧୪ର ଉପଧାରା ୧ ମୁତାବକ) ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ଅଧିକାରୀଙ୍କୁ 'ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ' କୁହାଯିବ ।

ଚ) 'ପରିବାର' କହିଲେ ଗୋଟିଏ ପରିବାରର ସେହି ସମସ୍ତ ସଦସ୍ୟଙ୍କୁ ବୁଝାଇବ ଯେଉଁମାନଙ୍କ ମଧ୍ୟରେ ରକ୍ତଗତ, ପୋଷ୍ୟ ବା ବୈବାହିକ ସମ୍ପର୍କ ଥିବ, ସେମାନେ ଏକାଠି ରହୁଥିବେ, ଖାଉଥିବେ ଏବଂ ସେମାନଙ୍କର ରାସନକାର୍ଡ ଗୋଟିଏ ହୋଇଥିବ ।

ଛ) ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯେକୌଣସି ବିଭାଗ ବା ସଂସ୍ଥା, ଜିଲ୍ଲାପରିଷଦ, ପଞ୍ଚାୟତ ସମିତି ତଥା ଗ୍ରାମ ପଞ୍ଚାୟତ, ସ୍ଥାନୀୟ କର୍ତ୍ତୃପକ୍ଷ, ସରକାରୀ ସଂସ୍ଥା ବା ବେସରକାରୀ ସଂଗଠନଗୁଡିକ ସାମିଲ ହେବେ ସେଗୁଡିକୁ 'କାର୍ଯ୍ୟାନ୍ୱୟନ ସଂସ୍ଥା' କୁହାଯିବ ।

ଜ) 'ସର୍ବନିମ୍ନ ମଜୁରୀ' କହିଲେ ବୁଝାଯିବ ଯେ ସର୍ବନିମ୍ନ ମଜୁରୀ ଅଧିନିୟମ, ୧୯୪୮ର ଧାରା ୩ ଅନୁଯାୟୀ ଗୋଟିଏ ରାଜ୍ୟରେ ଥିବା କୃଷି ଶ୍ରମିକମାନଙ୍କ ପାଇଁ ସେହି ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ସର୍ବନିମ୍ନ ମଜୁରୀ ।

ଝ) 'ଜାତୀୟ ପାଣ୍ଠି' କହିଲେ ଏହି ଅଧିନିୟମର ୨୦ ଧାରାର ୧ ଉପଧାରା ଅନୁଯାୟୀ ପ୍ରତିଷ୍ଠିତ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ପାଣ୍ଠିକୁ ବୁଝାଯିବ ।

ଞ) 'ଅଧିସୂଚନା' କହିଲେ ସରକାରୀ ଗେଜେଟ୍‌ରେ ପ୍ରକାଶିତ ହୋଇଥିବା ଅଧିସୂଚନାକୁ ବୁଝାଇବ ।

ଟ) 'ଉପଯୁକ୍ତ କାର୍ଯ୍ୟ' ଅର୍ଥାତ୍ ଗୋଟିଏ ଯୋଜନାରେ ଯେଉଁ କାର୍ଯ୍ୟଟିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବ ତାକୁ ବୁଝାଯିବ ।

ଠ) 'ବିହିତ' ଅର୍ଥ ଏହି ଅଧିନିୟମ ଅନୁଯାୟୀ ପ୍ରସ୍ତୁତ ନିୟମାବଳୀ

ଡ) ଯେଉଁ ଅଧିକାରୀ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଧାରା ୧୫ର ଉପଧାରା ୧ ଅନୁଯାୟୀ ନିଯୁକ୍ତ ହୋଇଥିବେ ତାକୁ 'କାର୍ଯ୍ୟକ୍ରମ ଅଧିକାରୀ' କୁହାଯିବ ।

ଢ) ନିଯୁକ୍ତି ସୁବିଧା ଯୋଗାଇ ଦେବା ସକାଶେ ଏକ ଯୋଜନା ଅଧିନରେ ନିଆଯାଇଥିବା କାର୍ଯ୍ୟକୁ 'ପ୍ରକଳ୍ପ' କୁହାଯିବ ।

ଣ) ଆଇନ ଦ୍ୱାରା ପ୍ରତିଷ୍ଠିତ ସ୍ଥାନୀୟ ପୌରସଂସ୍ଥା ବା କ୍ୟାଣ୍ଟନମେଣ୍ଟ ବୋର୍ଡ କିମ୍ବା କିଛି ସମୟ ପାଇଁ ବିଧି ନିର୍ଦ୍ଦେଶିତ ଅଞ୍ଚଳକୁ ବାଦ୍‌ଦେଇ ବାକି ରାଜ୍ୟର ସମସ୍ତ ଅଞ୍ଚଳକୁ 'ଗ୍ରାମାଞ୍ଚଳ' କୁହାଯିବ ।

ତ) ଏହି ଆଇନ୍‌ର ଧାରା ୪ର ଉପଧାରା ୧ ଅନୁଯାୟୀ ରାଜ୍ୟସରକାରଙ୍କ ଦ୍ୱାରା ବିଜ୍ଞପିତ ହୋଇଥିବା ଏକ ପରିକଳ୍ପନାକୁ ଯୋଜନା କୁହାଯିବ ।

ଥ) 'ରାଜ୍ୟ ପରିଷଦ' ଅର୍ଥାତ୍ ଏହି ଅଧିନିୟମ ଧାରା ୧୨ର ଉପାଧାରା ୧ ଅନୁଯାୟୀ ଗଠିତ ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦକୁ ବୁଝାଇବ ।

ଦ) 'ଅଣକୁଶଳୀ ଶାରିରୀକ କର୍ମ' କହିଲେ ଜଣେ ବୟସ୍କ ବ୍ୟକ୍ତି କୌଣସି କୌଶଳ ବା ବିଶେଷ ପ୍ରଶିକ୍ଷଣବିନା ଯେଉଁ କାର୍ଯ୍ୟ କରିବା ପାଇଁ ସକ୍ଷମ ।

ଧ) 'ମଜୁରୀ' ଅର୍ଥାତ୍ ଏହି ଅଧିନିୟମର ଧାରା ୬ରେ ଉଲ୍ଲିଖିତ ମଜୁରୀ ହାରକୁ ବୁଝାଇବ ।

### ଅଧ୍ୟାୟ-୨

## ଗ୍ରାମୀଣ ପରିବାରକୁ କର୍ମନିଯୁକ୍ତି ପ୍ରଦାନରେ ସୁନିଶ୍ଚିତତା

୩. ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତିକୁ ସୁଚିଶ୍ଚିତ କରାଇବା

୧) ଅନ୍ୟ କୌଣସି ସମସ୍ୟା ନଥିଲେ, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ମୁତାବକ ପ୍ରତ୍ୟେକ ପରିବାରର ଶାରୀରିକ ଶ୍ରମ କରିବା ପାଇଁ ଇଚ୍ଛୁକ ବୟସ୍କ ଅଣ-କୁଶଳୀ ଲୋକମାନଙ୍କୁ ଏକ ଆର୍ଥିକ ବର୍ଷରେ ଅତିକମ୍‌ରେ ଶହେ ଦିନର ନିଶ୍ଚିତ କର୍ମନିଯୁକ୍ତି ଦେବେ ।

୨) ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଯୋଜନାମୁତାବକ କାମ କରିବେ ସେ ପ୍ରଚଳିତ ମଜୁରୀ ହାରରେ ପ୍ରତ୍ୟେକ ଦିନର ମଜୁରୀ ପାଇବାକୁ ହକ୍‌ଦାର ହେବେ ।

୩) ଏହି ଯୋଜନାରେ କାମ କରିବା ଲୋକଙ୍କୁ ପ୍ରତିଦିନ ମଜୁରୀ ନମିଳି ସାତଦିନର ମଜୁରୀ ସପ୍ତାହକୁ ଥରେ ବା କୌଣସି ପରିସ୍ଥିତିରେ ଅତି ବେଶୀରେ ପନ୍ଦର ଦିନରେ ଥରେ ଦିଆଯିବ ।

୪) ଜଣେ ଲୋକ ଶହେ ଦିନର କାମ ପାଇବା ପରେ ତାଙ୍କୁ କାମ ଦିଆଯିବା ବନ୍ଦ କରିଦିଆଯିବ ନାହିଁ । କେନ୍ଦ୍ର ବା ରାଜ୍ୟ ସରକାର ତାଙ୍କ ସାମର୍ଥ୍ୟ ଅନୁଯାୟୀ ୧୦୦ ଦିନର କାମ ପରେ ମଧ୍ୟ କୌଣସି ଯୋଜନାରେ ଗୋଟିଏ ପରିବାରକୁ ଆଇନର ଉପଧାରା ୧ ଅନୁଯାୟୀ କାମ ଚାଲୁଥିବା ପର୍ଯ୍ୟନ୍ତ ଯେତେଦିନ କାମ ଦେଇ ପାରିବେ ।

### ଅଧ୍ୟାୟ-୩

## ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ବେକାରୀ ଭତ୍ତା

୪. ଗ୍ରାମାଞ୍ଚଳ ପାଇଁ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

(୧) ଏହି ଆଇନ୍ ଲାଗୁ କରାଯିବା ତାରିଖ ଠାରୁ ୬ମାସ ମଧ୍ୟରେ ପ୍ରତ୍ୟେକ ରାଜ୍ୟ ସରକାର ନିଜ ନିଜର ଯୋଜନା ତିଆରି କରି ଏହି ଯୋଜନା ଅଧିନସ୍ଥ

ଗ୍ରାମାଞ୍ଚଳର ପ୍ରତ୍ୟେକ ଇଚ୍ଛୁକ ପରିବାରକୁ ନିଶ୍ଚିତ ଭାବରେ ବର୍ଷକୁ ୧୦୦ ଦିନର କର୍ମ ନିଯୁକ୍ତି ଦେବାର ବ୍ୟବସ୍ଥା କରିବେ । ଏହି ଅଧିସୂଚନା ଜାରି ହେବା ପୂର୍ବରୁ 'କାମ ପାଇଁ ଖାଦ୍ୟ ଯୋଜନା' ବା 'ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା' ଭଳି ଯେଉଁ ଯୋଜନା ଆଗରୁ କରାଯାଉଥିବ, ସେ ସବୁକୁ ଏହି ଆଇନ୍ ଅନୁଯାୟୀ କରାଯାଇଥିବା ଯୋଜନା ଭାବେ ଧରାଯିବ ।

୨) ରାଜ୍ୟ ସରକାର ଏହି ଯୋଜନାର ସାରାଂଶକୁ ଅନ୍ତତଃ ସ୍ଥାନୀୟ ଭାଷାରେ ପ୍ରକାଶିତ ଦୁଇଟି ସ୍ଥାନୀୟ ଦୈନିକ ଖବର କାଗଜରେ ପ୍ରକାଶ କରିବେ । ଯେଉଁଥିରୁ ଗୋଟିଏ ଯୋଜନା କାର୍ଯ୍ୟକାରୀ ହେଉଥିବା କ୍ଷେତ୍ରରେ ବହୁଳ ପ୍ରସାରିତ ହେଉଥିବ ।

୩) ଏହି ଆଇନ୍‌ର ଉପଧାରା ୧ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଯୋଜନା, ଅନୁସୂଚୀ ୧ରେ ବର୍ଣ୍ଣିତ ସର୍ବନିମ୍ନ ବୈଶିଷ୍ଟ୍ୟକୁ ବୁଝାଉଥିବ ।

**୫. ନିଶ୍ଚିତ କର୍ମନିଯୁକ୍ତି ଯୋଗାଇ ଦେବା ନିମନ୍ତେ ସର୍ତ୍ତ ।**

୧) ଏହି ଯୋଜନା ଅଧିନରେ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କର ଯାହା ସର୍ତ୍ତ ତାକୁ ସେ ସ୍ପଷ୍ଟ ଭାବରେ ରଖିବେ ।

୨) ଏହି ଆଇନ ଅନୁଯାୟୀ ନିଯୁକ୍ତି ପାଉଥିବା ଲୋକମାନେ ଅନୁସୂଚୀ ୨ରେ ଉଲ୍ଲିଖିତ ସମସ୍ତ ସୁବିଧା ସୁଯୋଗର ହକ୍‌ଦାର ହେବେ ।

**୬. ମଜୁରୀହାର**

୧) ସର୍ବନିମ୍ନ ମଜୁରୀ ଆଇନ୍‌ର ଉଲଘଂନ ନକରି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନିଯୁକ୍ତ ଶ୍ରମିକମାନେ କେତେଟଙ୍କା ମଜୁରୀ ପାଇବେ ତାହା ସର୍ବନିମ୍ନ ମଜୁରୀ ଆଇନ୍ - ୧୯୪୮ ଅନୁଯାୟୀ ସରକାର ସ୍ପଷ୍ଟଭାବରେ ଜଣାଇଦେବେ । ଏହି ମଜୁରୀ ଦର ଭିନ୍ନ ଭିନ୍ନ ଅଞ୍ଚଳକୁ ନେଇ ହୁଏତ ଅଲଗା ଅଲଗା

ହୋଇପାରେ, ମାତ୍ର ଭିନ୍ନ ଭିନ୍ନ ସମୟରେ କୌଣସି ବିଜ୍ଞପ୍ତି ପ୍ରକାଶ କରି ଯେଉଁ ମଜୁରୀ ଦର ନିର୍ଦ୍ଧାରଣ କରାଯିବ ତାହା କଦାପି ଦୈନିକ ୬୦ଟଙ୍କାରୁ କମ୍ ହେବ ନାହିଁ ।

୨) ଯେପର୍ଯ୍ୟନ୍ତ କେନ୍ଦ୍ର ସରକାର କୌଣସି ରାଜ୍ୟ ପାଇଁ ସର୍ବନିମ୍ନ ମଜୁରୀ ଦର ନିର୍ଦ୍ଦିଷ୍ଟ କରିନାହାନ୍ତି ସେପର୍ଯ୍ୟନ୍ତ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସେହି ରାଜ୍ୟର କୃଷି ଶ୍ରମିକଙ୍କ ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଆଇନ୍ ୧୯୪୮ର ଧାରା ୩ ମୁତାବକ ମଜୁରୀ ଦିଆଯିବ ।

## ୭. ବେକାରୀଭତ୍ତା ପ୍ରଦାନ

(୧) ଜଣେ ଇଚ୍ଛୁକ ବ୍ୟକ୍ତି କର୍ମନିଯୁକ୍ତି ପାଇଁ ଆବେଦନ କରିବାର ୧୫ଦିନ ମଧ୍ୟରେ ଯଦି ସରକାର ନିଯୁକ୍ତି ଦେଇ ନପାରିଲେ କିମ୍ବା କର୍ମନିଯୁକ୍ତି ସ୍ଥିର ହେବା ଆଗରୁ ଯଦି କୌଣସି ଦରଖାସ୍ତ ଆଗତୁରା ପହଞ୍ଚିଥିବ ଏବଂ ପରବର୍ତ୍ତୀ ସମୟର ହୋଇଥିବ ତେବେ ଆବେଦନକାରୀ ଏହି ଧାରା ଅନୁସାରେ ସରକାରଙ୍କ ପକ୍ଷରୁ ଦୈନିକ ବେକାରୀ ଭତ୍ତା ପାଇବାକୁ ହକ୍‌ଦାର ହେବେ ।

୨) ଆବେଦନକାରୀଙ୍କ ଯୋଗ୍ୟତା ଏବଂ ସରକାରଙ୍କ ସାମର୍ଥ୍ୟ ଅନୁଯାୟୀ ବେକାରୀ ଭତ୍ତାର ପରିମାଣ କେତେ ହେବ ତାହା ସରକାର ରାଜ୍ୟ ନିଯୁକ୍ତି ପରିଷଦ ସହିତ ଆଲୋଚନା କରି ବିଜ୍ଞପ୍ତି ଜରିଆରେ ଜଣାଇବେ । ତେବେ ଏହି ପରିମାଣ ପ୍ରଥମ ମାସକର ସର୍ବନିମ୍ନ ମଜୁରୀ ହାରର ଏକ ଚତୁର୍ଥାଂଶ ବା ଅନ୍ୟମାସଗୁଡ଼ିକର ସର୍ବନିମ୍ନ ମଜୁରୀର ଅଧାରୁ କମ୍ ହେବନାହିଁ ।

୩) ସରକାରଙ୍କ କୌଣସି ଆର୍ଥିକ ବର୍ଷ ନିମନ୍ତେ କୌଣସି ପରିବାରର ସଦସ୍ୟଙ୍କୁ ଆଉ ସେହି ଦିନଠାରୁ ବେକାରୀ ଭତ୍ତା ଦେବାକୁ ପଡ଼ିବ ନାହିଁ ଯେଉଁଦିନ ଠାରୁ

(କ) ଗ୍ରାମପଞ୍ଚାୟତ ବା କାର୍ଯ୍ୟକ୍ରମ ଅଧିକାରୀ ଆବେଦନକାରୀଙ୍କୁ ବା ତାଙ୍କ ପରିବାରର କାହାକୁ ନିଯୁକ୍ତି ଦେବେ ।

(ଖ) ନିର୍ଦ୍ଧାରିତ ଅବଧି ଶେଷ ହୋଇଯିବା ପାରେ ମଧ ଯଦି ଜଣେ ବ୍ୟକ୍ତି କିମ୍ବା ତାଙ୍କ ପରିବାରର ଅନ୍ୟ କେହି ସଦସ୍ୟ କାମକୁ ନଯାଆନ୍ତି ।

(ଗ) ଏକ ଆର୍ଥିକ ବର୍ଷରେ ଯଦି ଆବେଦନକାରୀଙ୍କ ପରିବାରର କୌଣସି ସଦସ୍ୟ ୧୦୦ ଦିନ ନିଯୁକ୍ତି ପାଇସାରିଥାନ୍ତି ।

(ଘ) ଯଦି ଆବେଦନକାରୀଙ୍କ ପରିବାର ମଜୁରୀ ଏବଂ ବେକାରୀ ଭତ୍ତା ଉଭୟ କୁ ମିଶାଇ ଯେତିକି ରୋଜଗାର କରିଥିବେ ଏବଂ ତାହା ଗୋଟିଏ ଆର୍ଥିକ ବର୍ଷର ୧୦୦ ଦିନର ମଜୁରୀ ସହ ସମାନ ହେଉଥିବ ।

୪) ବେକାରୀ ଭତ୍ତା ପାଇବାକୁ ହକ୍‌ଦାର ପରିବାରକୁ କାର୍ଯ୍ୟକ୍ରମ ଅଧିକାରୀ କିମ୍ବା ସ୍ଥାନୀୟ ପ୍ରାଧିକାରୀ ଜିଲ୍ଲାପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ମିଳିତ ଭାବେ କିମ୍ବା ରାଜ୍ୟ ସରକାର ବିଜ୍ଞପ୍ତି ମୁତାବକ ବେକାରୀ ଭତ୍ତା ମଞ୍ଜୁରୀ ଓ ବଣ୍ଟନ କରିବେ ।

୫) ଏଇ ଆଇନର ଉପଧାରା (୧) ଅନୁସାରେ ଯେଉଁଦିନଠାରୁ ଜଣେ ଆବେଦନକାରୀ ବେକାରୀ ଭତ୍ତା ପାଇବାକୁ ହକ୍‌ଦାର ହେବେ ସେହିଦିନଠାରୁ ୧୫ ଦିନ ମଧ୍ୟରେ ହିଁ ତାଙ୍କୁ ବେକାରୀ ଭତ୍ତା ପ୍ରଦାନ କରାଯିବ ।

୬) ଏହି ଆଇନ୍ ଅନୁଯାୟୀ କେଉଁ ପ୍ରକ୍ରିୟାରେ ବେକାରୀ ଭତ୍ତା ପ୍ରଦାନ କରାଯିବ ତାହା ରାଜ୍ୟ ସରକାର ସ୍ଥିର କରିବେ ।

**ବେକାରୀ ଭତ୍ତାରୁ ବଞ୍ଚିତ ହେଲାଭଳି ପରିସ୍ଥିତି ଉପୁଜିଲେ**

**୮. ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବେକାରୀଭତ୍ତା ବଣ୍ଟନ ହୋଇନପାରିଲେ**

କାର୍ଯ୍ୟକ୍ରମ ଅଧିକାରୀ ଯଦି କୌଣସି କାରଣରୁ ଯଥା ସମୟରେ ବେକାରୀଭତ୍ତା ବାଣ୍ଟିନପାରନ୍ତି କିମ୍ବା ଯଦି ତାହା ତାଙ୍କ ନିୟନ୍ତ୍ରଣ ବାହାରେ ହୋଇଥାଏ ତା'ର କାରଣସମ୍ପର୍କରେ କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଜଣାଇବେ ଏବଂ ତାକୁ ସେ ନିଜ ନୋଟିସ୍ ବୋର୍ଡ, ଗ୍ରାମପଞ୍ଚାୟତ ନୋଟିସ୍‌ବୋର୍ଡ ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲଗାଇ ଲୋକଙ୍କୁ ଜଣାଇବେ ।

୨) ବେକାରୀ ଭତ୍ତା ପ୍ରଦାନ କରାଯିବାରେ ବିଳମ୍ବ ବା ସମସ୍ୟା ସମ୍ପର୍କିତ ମାମଲାଗୁଡିକୁ କାରଣ ସହିତ ଜିଲ୍ଲାକାର୍ଯ୍ୟକ୍ରମ ସଂଯୋଜକ ତାଙ୍କ ବାର୍ଷିକ ବିବରଣୀରେ ରାଜ୍ୟସରକାରଙ୍କୁ ଜଣାଇବେ ।

୩) ରାଜ୍ୟସରକାର ଏହି ସବୁ ମାମଲାର ବିଚାର କରି କିଭଳି ନିଯୁକ୍ତି ବଞ୍ଚିତ ପରିବାରଗୁଡିକୁ ଯଥାଶିଘ୍ର ବେକାରୀ ଭତ୍ତା ଦିଆଯାଇ ପାରିବ ତା'ର ବ୍ୟବସ୍ଥା କରିବେ ।

**୯. ବେକାରୀଭତ୍ତା ପାଇଁ ଅଯୋଗ୍ୟ ହେବାର କେତେକ ପରିସ୍ଥିତି**

(କ) ଯଦି ଗୋଟିଏ ଆବେଦନକାରୀ ପରିବାର ତାଙ୍କୁ ଦିଆଯାଇଥିବା କର୍ମ ନିଯୁକ୍ତିକୁ ଗ୍ରହଣ ନ କରନ୍ତି କିମ୍ବା

(ଖ) କାର୍ଯ୍ୟକ୍ରମ ଅଧିକାରୀ ବା କାର୍ଯ୍ୟ କରାଉଥିବା କୌଣସି ସଂସ୍ଥା ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେବାର ୧୫ଦିନ ଭିତରେ ଜଣେ ବ୍ୟକ୍ତି ଯଦି କାର୍ଯ୍ୟରେ ଯୋଗ ନଦିଅନ୍ତି କିମ୍ବା ଯୋଗ ନଦେବା ସମ୍ପର୍କରେ ରିପୋର୍ଟ ନକରନ୍ତି କିମ୍ବା

(ଗ) ଯଦି ଜଣେ କାର୍ଯ୍ୟକାରୀ ସଂସ୍ଥାର ବିନା ଅନୁମତିରେ ବାରମ୍ବାର ଅନୁପସ୍ଥିତ ରହନ୍ତି କିମ୍ବା ଏକ ସପ୍ତାହରୁ ଅଧିକ ଦିନ ଧରି ଲଗାତର ଭାବେ କାର୍ଯ୍ୟରେ ଅନୁପସ୍ଥିତ ରହନ୍ତି କିମ୍ବା ଗୋଟିଏ ମାସରେ ସପ୍ତାହରୁ ଅଧିକ ଦିନ ଅନୁପସ୍ଥିତ ରହନ୍ତି ।

ଏଭଳି ପରିସ୍ଥିତି ଉପୁଜିଲେ ଆଇନ୍ ମୁତାବକ ସଂପୃକ୍ତ ବ୍ୟକ୍ତି ତିନିମାସ ପର୍ଯ୍ୟନ୍ତ ବେକାରୀ ଭତ୍ତା ପାଇବାକୁ ଅଯୋଗ୍ୟ ବିବେଚିତ ହେବେ । କିନ୍ତୁ ସେ ଯେ କୌଣସି ଯୋଜନାରେ ପୁଣି କାମ କରିବାକୁ ଆବେଦନ କରିପାରିବେ ବା ହକ୍‌ଦାର ହୋଇପାରିବେ ।

## ଅଧ୍ୟାୟ - ୪

## କାର୍ଯ୍ୟନ୍ୱୟନ ଓ ନିରୀକ୍ଷଣ କର୍ତ୍ତୃପକ୍ଷ

### ୧୦. କେନ୍ଦ୍ରୀୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦ

(୧) ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ ବା କାର୍ଯ୍ୟକାରିତା ପାଇଁ କେନ୍ଦ୍ରସରକାର ଯେଉଁ ଦିନ ଠାରୁ ବିଜ୍ଞପ୍ତି ପ୍ରକାଶ କରି ଏକ ପରିଷଦ ଗଠନ କରିବେ, ତାହାକୁ କେନ୍ଦ୍ରୀୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ କୁହାଯିବ, ଯେକି ଏହି ଆଇନ ଅଧୀନରେ କାର୍ଯ୍ୟନିର୍ବାହ ଓ କର୍ତ୍ତବ୍ୟ ସଂପାଦନ କରିବେ ।

(୨) ଏହାର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀଠାରେ ରହିବ ।

(୩) କେନ୍ଦ୍ର ସରକାର ଏହି ପରିଷଦରେ ନିମ୍ନଲିଖିତ ପଦବୀଗୁଡ଼ିକରେ ନିଯୁକ୍ତିଦେବେ, ଯଥା -

(କ) ଜଣେ ଅଧ୍ୟକ୍ଷ

(ଖ) କେନ୍ଦ୍ରସରକାରଙ୍କ ଦ୍ୱାରା ସ୍ଥିରୀକୃତ ଯୋଜନା କମିଶନଙ୍କର ଯୁଗ୍ମ-ଶାସନ ସଚିବସ୍ତରୀୟ ସଦସ୍ୟଙ୍କ ସହିତ କେନ୍ଦ୍ର ମନ୍ତ୍ରୀମଣ୍ଡଳର ନିର୍ଦ୍ଦିଷ୍ଟସଂଖ୍ୟକ ପ୍ରତିନିଧି

(ଗ) କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ବାଚିତ ସଂଖ୍ୟାଅନୁଯାୟୀ ରାଜ୍ୟ ସରକାରଙ୍କ ପ୍ରତିନଧି

(ଘ) ପଞ୍ଚାୟତିରାଜ ସଂସ୍ଥା, ଶ୍ରମିକ ସଂଗଠନ ଏବଂ ଅବହେଳିତ ବର୍ଗର ୧୫ ଜଣ ବେସରକାରୀ ପ୍ରତିନିଧି ପୁନଶ୍ଚ

ଏହି ବେସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ଦୁଇଜଣ ଜିଲ୍ଲା ପଞ୍ଚାୟତ ଅଧ୍ୟକ୍ଷଙ୍କୁ କେନ୍ଦ୍ରସରକାର ପର୍ଯ୍ୟାୟକ୍ରମେ ଏକବର୍ଷ ଲେଖାଏଁ ନିଯୁକ୍ତି କରିବେ । ପୁନଶ୍ଚ

ଏଥିରେ ଏକ ତୃତୀୟାଂଶ ମହିଳାପ୍ରତିନିଧି ଏବଂ ଏକ ତୃତୀୟାଂଶ ସଦସ୍ୟ ଅନୁସୂଚୀତ ଜାତି, ଜନଜାତି, ପଛୁଆ ତଥା ସଂଖ୍ୟାଲଘୁ ବର୍ଗର ପ୍ରତିନିଧି ରହିବେ ।

(ଙ) କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସଂଖ୍ୟାରେ ରାଜ୍ୟର ପ୍ରତିନିଧି ରହିବେ ।

(ଚ) କେନ୍ଦ୍ରସରକାରଙ୍କ ଅଧିନରେ ଯୁଗ୍ମ-ଶାସନ ସଚିବସ୍ତରୀୟ ଜଣେ ସଦସ୍ୟ - ସଚିବ ରହିବେ ।

(୪) ଆଇନ୍‌ର ନିବନ୍ଧନ ଓ ସର୍ତ୍ତ ମୁତାବକ କେନ୍ଦ୍ରୀୟ ପରିଷଦର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନିଯୁକ୍ତି କାର୍ଯ୍ୟ, ବୈଠକର ନିୟମାବଳୀ ଯଥା : ସମୟ, ସ୍ଥାନ, ପଦ୍ଧତି (ବୈଠକରେ କୋରମ ସହ) ଆଦି କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିର କରାଯିବ ।

**୧୧. କେନ୍ଦ୍ରୀୟ ପରିଷଦର କାର୍ଯ୍ୟ ଓ କର୍ତ୍ତବ୍ୟ**

(୧) କେନ୍ଦ୍ରୀୟ ପରିଷଦ ନିମ୍ନମତେ ତାଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ ନିର୍ବାହ ଏବଂ ସଂପାଦନ କରିବେ ।

(କ) ସେ ଏହି ଯୋଜନାର ଏକ କେନ୍ଦ୍ରୀୟ ମୂଲ୍ୟାୟନ ଏବଂ ନିରୀକ୍ଷଣ (ମନିଟରିଂ) ବ୍ୟବସ୍ଥା କରିବେ ।

(ଖ) ସେ ଏହି ଆଇନର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାରଙ୍କୁ ସମସ୍ତ ଆବଶ୍ୟକୀୟ ପରାମର୍ଶ ଦେବେ ।

(ଗ) ସେ ଏହି ଆଇନର ନିରୀକ୍ଷଣ ଓ ଦେଖାଶୁଣା ବ୍ୟବସ୍ଥା ଏବଂ ଏଥିରେ ଦେଖା ଦେଉଥିବା ତ୍ରୁଟି ବିଚ୍ୟୁତିର ପ୍ରତିକାର ବ୍ୟବସ୍ଥାକୁ ସମୟକୁ ସମୟ ସମୀକ୍ଷା କରି ଏହାର ଉନ୍ନତି ପାଇଁ କ'ଣ କରାଯିବ ସେଥିପାଇଁ ସୁପାରିଶ କରିବେ ।

(ଘ) ଏହି ଆଇନ ଅନୁଯାୟୀ ହେଉଥିବା ଯୋଜନାଗୁଡ଼ିକ ବିଷୟରେ ଲୋକମାନଙ୍କୁ ଅଧିକରୁ ଅଧିକ ସୂଚନା ଦେବେ ।

(ଙ) ଏହି ଆଇନର କାର୍ଯ୍ୟକାରିତା ସଂପର୍କରେ ନିରୀକ୍ଷଣ କରିବେ ।

(ଚ) ଏହି ଆଇନର କାର୍ଯ୍ୟକାରିତା ସଂପର୍କରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ଯେଉଁ ବାର୍ଷିକ ବିବରଣୀ ଉପସ୍ଥାପନ କରାଯିବ ତାହାକୁ ପ୍ରସ୍ତୁତ କରିବେ ।

(ଛ) କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସମ୍ବନ୍ଧରେ ଅନ୍ୟ ଯାହା ଦାୟିତ୍ୱ ଓ କାର୍ଯ୍ୟ ଦିଆଯିବ ସେ ସବୁକୁ ନିର୍ବାହ କରିବେ ।

୨. କେନ୍ଦ୍ରୀୟ ପରିଷଦ ଏହି ଆଇନ ଅନୁଯାୟୀ କରାଯାଇଥିବା ବିଭିନ୍ନ ଯୋଜନାର ମୂଲ୍ୟାୟନ କରିବେ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସାଧନ ପାଇଁ ଗ୍ରାମାଞ୍ଚଳର ଅର୍ଥନୀତି ତଥା ଯୋଜନା ସମ୍ବନ୍ଧୀୟ ତଥ୍ୟ, ପରିସଂଖ୍ୟାନ ଓ ସୂଚନା ସଂଗ୍ରହ କରିବେ ।

## ୧୨. ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ

୧. ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ନିୟମିତ ନିରୀକ୍ଷଣ (ମନିଟରିଂ) କରିବା ପାଇଁ ପ୍ରତ୍ୟେକ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ ଗଠନ କରାଯିବ । ଏହାର ନାମ ସେହି ରାଜ୍ୟକୁ ନେଇ କରାଯିବ । ଯେଉଁ ରାଜ୍ୟରେ ଏହି ପରିଷଦ ଗଠିତ ହେବ ଯେମିତିକି ଓଡ଼ିଶାରେ "ଓଡ଼ିଶା ରାଜ୍ୟ ନିଯୁକ୍ତି ପରିଷଦ" । ଏଥିରେ ଜଣେ ଅଧକ୍ଷ ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସଦସ୍ୟ ତଥା ୧୫ଜଣ ରାଜ୍ୟସରକାରଙ୍କ ଦ୍ୱାରା ମନୋନୀତ ବେସରକାରୀ ପ୍ରତିନିଧି ରହିବେ । ମନୋନୀତ ସଦସ୍ୟଙ୍କ ମଧ୍ୟରୁ ଏକତୃତୀୟାଂଶ ସଦସ୍ୟ ମହିଳା ଓ ଏକତୃତୀୟାଂଶ ସଦସ୍ୟ ଅନୁସୂଚୀତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗରୁ ରହିବେ ।

୨. ସର୍ତ୍ତ ଅନୁଯାୟୀ ରାଜ୍ୟ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କର ନିଯୁକ୍ତି ଓ ସେମାନଙ୍କ କାର୍ଯ୍ୟକାଳ ତଥା ପରିଷଦର ବୈଠକ ସମୟ, ସ୍ଥାନ ଓ ପଦ୍ଧତି (ଏଭଳି ବୈଠକରେ କୋରମ୍ ସମେତ) କ'ଣ ହେବ ତାହା ରାଜ୍ୟ ସରକାର ନିର୍ଣ୍ଣୟ କରିବେ ।

୩. ରାଜ୍ୟ ପରିଷଦର କାର୍ଯ୍ୟ ତଥା କର୍ତ୍ତବ୍ୟ ନିମ୍ନୋକ୍ତ ପ୍ରକାରେ ହେବ । ସେମାନେ-

(କ) ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟସରକାରଙ୍କୁ ପରାମର୍ଶ ଦେବେ ।

(ଖ) କେଉଁ କେଉଁ କାର୍ଯ୍ୟ ଅଧିକ ପସନ୍ଦ ଯୋଗ୍ୟ ହେବ ସେ ବିଷୟରେ ନିଷ୍ପତ୍ତି କରିବେ ।

(ଗ) ସମୟକୁ ସମୟ ଯୋଜନା ଅଧୀନସ୍ଥ କାର୍ଯ୍ୟର ନିରୀକ୍ଷଣ କରି ଏଥିରେ ଥିବା ତ୍ରୁଟିବିଚ୍ୟୁତି ବିଷୟରେ ପରିଷଦ ସମୀକ୍ଷା କରିବେ । ଏହାର ଅଗ୍ରଗତି ପାଇଁ ଅଧିକ କ'ଣ କରାଯିବ ସେ ବିଷୟରେ ସୁପାରିଶ କରିବେ ।

(ଘ) ଏହି ଆଇନ୍ ଅଧୀନରେ ଥିବା ଯୋଜନାଗୁଡ଼ିକ ସଂପର୍କରେ ବିସ୍ତୃତ ଭାବେ ବ୍ୟାପକ ପ୍ରଚାର ଓ ପ୍ରସାର କରାଇବେ

(ଙ) ସଂପୃକ୍ତ ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ ନିଜ ରାଜ୍ୟରେ ଏହି ଆଇନ ଓ ଯୋଜନାର କାର୍ଯ୍ୟକାରିତାକୁ ନିରୀକ୍ଷଣ କରିବା ସହ ଏସଂପର୍କରେ କେନ୍ଦ୍ରୀୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ ସହ ସମନ୍ୱୟ ରଖିବେ ।

(ଚ) ରାଜ୍ୟସରକାରଙ୍କ ପକ୍ଷରୁ ରାଜ୍ୟ ବିଧାନସଭାରେ ଉତ୍‌ଥାପନ କରାଯିବାକୁ ଥିବା ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ

(ଛ) ରାଜ୍ୟ ସରକାର ଓ କେନ୍ଦ୍ରୀୟ ପରିଷଦର ନିର୍ଦ୍ଦେଶ ମୁତାବକ ଅନ୍ୟାନ୍ୟ ଦାୟିତ୍ୱ ଓ କାର୍ଯ୍ୟ କରିବେ ।

୩. ରାଜ୍ୟରେ ଚାଲିଥିବା ଯୋଜନାର ମୂଲ୍ୟାୟନ କରିବାର କ୍ଷମତା ରାଜ୍ୟ ପରିଷଦର ରହିବ । ଏହା ସହିତ ପରିଷଦ ରାଜ୍ୟର ଗ୍ରାମୀଣ ଅର୍ଥନୀତି, ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧିତ ଅନ୍ୟାନ୍ୟ ସୂଚନା ସଂଗ୍ରହ କରିବେ ।

**୧୩. ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତା ନିମନ୍ତେ ପ୍ରମୁଖ କର୍ତ୍ତୃପକ୍ଷ**

(୧) ଏହି ଆଇନ ଅନୁଯାୟୀ ଯୋଜନାର ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ପାଇଁ ପ୍ରମୁଖ କର୍ତ୍ତୃପକ୍ଷ ହେଉଛନ୍ତି ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଏବଂ ଗ୍ରାମପଞ୍ଚାୟତ

**(୨) ଜିଲ୍ଲାସ୍ତରରେ ପଞ୍ଚାୟତଗୁଡ଼ିକର କର୍ତ୍ତବ୍ୟ ହେବ -**

(କ) ବ୍ଲକସ୍ତରରେ ଯୋଜନାଗୁଡ଼ିକର ଯେତେ ପ୍ରକଳ୍ପ କାର୍ଯ୍ୟକାରୀ ହେବ ତାହା ସ୍ଥିର କରିବା ସହ ମଞ୍ଜୁର କରିବା

(ଖ) ଜିଲ୍ଲା ଏବଂ ବ୍ଲକସ୍ତରରେ ଚାଲିବାକୁ ଥିବା ପ୍ରକଳ୍ପଗୁଡ଼ିକର ରୂପରେଖ ଚୂଡ଼ାନ୍ତକରି ତାହାକୁ ତଦାରଖ ଓ ନିରୀକ୍ଷଣ କରିବା

(ଗ) ସମୟକୁ ସମୟ ରାଜ୍ୟ ପରଷଦ ପକ୍ଷରୁ ଯେଉଁ କାର୍ଯ୍ୟ ଦିଆଯିବ ସେସବୁକୁ ପାଳନ କରିବା

(୩) ବ୍ଲକସ୍ତରରେ ପଞ୍ଚାୟତ ସମିତିର କର୍ତ୍ତବ୍ୟ ହେବ

(କ) ଜିଲ୍ଲା ପଞ୍ଚାୟତର ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାଇବାକୁ ବ୍ଲକସ୍ତରୀୟ ଯୋଜନାଗୁଡ଼ିକୁ ମଞ୍ଜୁର କରିବା

(ଖ) ଗ୍ରାମପଞ୍ଚାୟତ ଏବଂ ବ୍ଲକ୍‌ସ୍ତରରେ ଚାଲୁଥିବା ପ୍ରକଳ୍ପର ତଦାରଖ ଏବଂ ନିରୀକ୍ଷଣ କରିବା

(ଗ) ଏହା ବ୍ୟତୀତ ରାଜ୍ୟ ପରିଷଦ ପକ୍ଷରୁ ସମୟକୁ ସମୟ ଯାହାସବୁ ଦାୟିତ୍ୱ ଦିଆଯିବ ତାହା କାର୍ଯ୍ୟକାରୀ କରିବା

(୪) ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଜିଲ୍ଲାସ୍ତରରେ ପଞ୍ଚାୟତକୁ ଏହି ଆଇନ ତଥା ଯୋଜନା ମୁତାବକ କାର୍ଯ୍ୟ କରିବାରେ ସହାୟତା କରିବେ ।

## ୧୪. ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ

(୧) ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ଜିଲ୍ଲାର ଜିଲ୍ଲାପାଳ ବା ସେହିସ୍ତରର ଅଧିକାରୀ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଭାବେ ପଦବୀ ଭୁକ୍ତ ହେବେ ।

(୨) ଜିଲ୍ଲା କାର୍ଯ୍ୟକାରୀ ସଂଯୋଜକ ଏଡି ଆଇନ୍ ମୁତାବକ ଯୋଜନାର କାର୍ଯ୍ୟକାରିତା ପାଇଁ ଉତ୍ତରଦାୟୀ ରହିବେ ।

(୩) ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କର କାର୍ଯ୍ୟାବଳୀ ନିମ୍ନମତେ ହେବ ।

(କ) ଏହି ଆଇନ୍ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଯୋଜନାଗୁଡ଼ିକର କାର୍ଯ୍ୟ ସଂପାଦନ ପାଇଁ ଜିଲ୍ଲା ପଞ୍ଚାୟତ ବା ଜିଲ୍ଲା ପରିଷଦକୁ ସହାୟତା କରିବେ

(ଖ) ବ୍ଲକ୍ ଏବଂ ଅନ୍ୟାନ୍ୟ ସଂସ୍ଥାରୁ ଆସିଥିବା ଯୋଜନା ଏବଂ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ ଏକତ୍ରିତ କରି ଜିଲ୍ଲାସ୍ତରରେ ଜିଲ୍ଲା ପରିଷଦ ଠାରୁ ମଂଜୁର୍ କରାଇବେ ।

(ଗ) ଯେଉଁଠାରେ ଆବଶ୍ୟକ, ସେଠାରେ ମଞ୍ଜୁରୀ ପ୍ରଦାନ ଏବଂ ପ୍ରଶାସନିକ ସହମତି ପ୍ରାପ୍ତ କରାଇବେ ।

(ଘ) ତାଙ୍କ ହେପାଜତରେ କାମକରୁଥିବା କାର୍ଯ୍ୟକ୍ରମ ଅଧିକାରୀ ତଥା କାର୍ଯ୍ୟକାରୀ ସଂସ୍ଥାଙ୍କ ସହିତ ସମନ୍ୱୟ ରକ୍ଷାକରିବା ସହ ଆବେଦନକାରୀମାନେ ଯେପରି ଏହି ଆଇନ ଅନୁଯାୟୀ ତାଙ୍କର ହକ୍ ମୁତାବକ ଉପଯୁକ୍ତ କର୍ମ ନିଯୁକ୍ତି ପାଇବେ ସେକଥା ଦେଖିବେ ।

(ଙ) କାର୍ଯ୍ୟକ୍ରମ ଅଧିକାରୀମାନଙ୍କର କାର୍ଯ୍ୟ କୁଶଳତାର ସମୀକ୍ଷା, ନିରୀକ୍ଷଣ ତଥା ତଦାରଖ କରିବେ ।

(ଚ) ଉଚିତ ସମୟ ବ୍ୟବଧାନରେ କାର୍ଯ୍ୟର ଅଗ୍ରଗତି ସଂପର୍କରେ ପରିଦର୍ଶନ କରିବେ

(ଛ) ଆବେଦନକାରୀଙ୍କ ଆପତ୍ତି ଅଭିଯୋଗର ଫଇସଲା କରିବେ

୪. ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଯେପରି ଏହି ଆଇନ ମୁତାବକ କାର୍ଯ୍ୟ ନିର୍ବାହ ସଂପାଦନ କରିପାରିବେ, ସେଥିପାଇଁ ରାଜ୍ୟ ସରକାର ତାଙ୍କୁ ଆବଶ୍ୟକୀୟ ସମସ୍ତ ପ୍ରଶାସନିକ ଓ ଆର୍ଥିକ କ୍ଷମତା ପ୍ରଦାନ କରିବେ ।

୫. ଏହି ଆଇନର ଧାରା ୧୫ର ଉପଧାରା (୧) ମୁତାବକ ନିଯୁକ୍ତ କାର୍ଯ୍ୟକ୍ରମ ଅଧିକାରୀ ଓ ଜିଲ୍ଲା ମଧ୍ୟରେ କାମ କରୁଥିବା ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଅଧିକାରୀ, ସ୍ଥାନୀୟ କର୍ତ୍ତୃପକ୍ଷ ବୃନ୍ଦ ତଥା ଅନୁଷ୍ଠାନର ଅଧିକାରୀମାନେ ଏହି

ଆଇନ ଅଧୀନରେ ପ୍ରସ୍ତୁତ ହୋଇଥିବା ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଇବାରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ସହାୟତା କରିବା ନିମନ୍ତେ ଦାୟୀ ରହିବେ ।

୬. ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ପ୍ରତିବର୍ଷ ଡ଼ିସେମ୍ବର ମାସରେ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ଶ୍ରମ ବଜେଟ୍ ପ୍ରସ୍ତୁତ କରିବେ, ଯେଉଁଥିରେ କି ଆଗାମୀବର୍ଷ ପାଇଁ ସଂପୃକ୍ତ ଜିଲ୍ଲାରେ କରାଯିବାକୁ ଥିବା କାର୍ଯ୍ୟ ଓ ସେଥିପାଇଁ ଦାବୀ ମୁତାବକ ନିଯୁକ୍ତି ହେବାକୁ ଥିବା ଶ୍ରମିକଙ୍କ ସଂଖ୍ୟା ଆଦି ସଂପୂର୍ଣ୍ଣ ଭାବେ ଲେଖାଯାଇ ଜିଲ୍ଲା ପରିଷଦକୁ ପ୍ରଦାନ କରାଯିବ ।

## ୧୫. କାର୍ଯ୍ୟକ୍ରମ ଅଧିକାରୀ (ପ୍ରୋଗ୍ରାମ ଅଫିସର)

(୧) ପଞ୍ଚାୟତ ସମିତି ସ୍ତରରେ ରାଜ୍ୟ ସରକାର ଜଣେ ବିଡ଼ିଓ ସ୍ତରର ଅଧିକାରୀଙ୍କୁ ପଞ୍ଚାୟତ ସମିତିର କାର୍ଯ୍ୟକ୍ରମ ଅଧିକାରୀ ଭାବେ ନିଯୁକ୍ତ କରିବେ

(୨) କାର୍ଯ୍ୟକ୍ରମ ଅଧିକାରୀ ପଞ୍ଚାୟତ ସମିତିକୁ ଏହି ଆଇନ ଅନୁଯାୟୀ କରାଯିବାକୁ ଥିବା ଯୋଜନାକୁ କାର୍ଯ୍ୟକାରୀ କରିବାରେ ସହାୟତା କରିବେ

(୩) କାର୍ଯ୍ୟକ୍ରମ ଅଧିକାରୀ ତାଙ୍କ ଅଞ୍ଚଳରେ କର୍ମ ନିଯୁକ୍ତିର ଚାହିଦା ଥିବା ପରିବାର ଓ ତାଙ୍କ ଅଞ୍ଚଳରେ ହେବାକୁ ଥିବା ଯୋଜନାରେ ଶ୍ରମିକଙ୍କର ଆବଶ୍ୟକତା ମଧ୍ୟରେ ସମାନତା ରଖିବା ପାଇଁ ଦାୟୀ ରହିବେ

(୪) ଗ୍ରାମପଞ୍ଚାୟତ ଏବଂ ପଞ୍ଚାୟତ ସମିତିଗୁଡ଼ିକରୁ ଯେଉଁ ପ୍ରସ୍ତାବମାନ ଆସିଥିବ ତାକୁ ଏକତ୍ର କରି କାର୍ଯ୍ୟକ୍ରମ ଅଧିକାରୀ ଗୋଟିଏ ବ୍ଲକ୍‌ସ୍ତରୀୟ ଯୋଜନା ପ୍ରସ୍ତୁତ କରିବେ ।

**(୫) କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟ ନିମ୍ନମତେ ହେବ ।**

(କ) ସେ ବ୍ଲକ୍ ଅଧିନରେ ଗ୍ରାମପଞ୍ଚାୟତ ତଥା ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ଚାଲୁଥିବା ପ୍ରକଳ୍ପର ନିରୀକ୍ଷଣ କରିବେ ।

(ଖ) ବେକାରୀ ଭାତ୍ତା ପାଇଁ ଯୋଗ୍ୟ ବିବେଚିତ ପରିବାରଗୁଡ଼ିକୁ ବେକାରୀ ଭତ୍ତା ମଞ୍ଜୁର କରିବା ସହ ଭତ୍ତା ଦେବାର ବ୍ୟବସ୍ଥା କରିବେ ।

(ଗ) ଏହି ଯୋଜନା ଅଧିନରେ ବ୍ଲକଭିତରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ଯେପରି ଯଥାଶୀଘ୍ର ଉଚିତ ମଜୁରୀ ପାଇପାରିବେ ତାହା ସୁନିଶ୍ଚିତ କରିବେ ।

(ଘ) ପ୍ରତ୍ୟେକ କାର୍ଯ୍ୟରେ ଖର୍ଚ୍ଚ ହେଉଥିବା ଅର୍ଥର ଯେପରି ଗ୍ରାମସଭା ଦ୍ୱାରା ନିୟମିତଭାବରେ ସାମାଜିକ ସମୀକ୍ଷା ହୋଇପାରିବ ଏବଂ ଯେଉଁଠାରେ ଆପତ୍ତି ଅଭିଯୋଗ ଉଠିବ ତା'ର ଯେପରି ତୁରନ୍ତ ଫଇସଲା ହୋଇପାରିବ ତାହା ସୁଚିଶ୍ଚିତ କରିବେ ।

(ଙ) ବ୍ଲକ ଅଧିନରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ଚାଲୁଥିବାବେଳେ ତାକୁ ନେଇ ଯେତେଗୁଡ଼ିଏ ଆପତ୍ତି ଅଭିଯୋଗ ଆସିବ ସେସବୁର ତୁରନ୍ତ ଫଇସଲା କରିବେ ।

(ଚ) ଏହି ଆଇନର କାର୍ଯ୍ୟକାରିତା ପାଇଁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟିତ୍ୱ ତୁଲାଇବା ପାଇଁ ତାଙ୍କୁ ଯାହା ପ୍ରତ୍ୟକ୍ଷ ନିର୍ଦ୍ଦେଶ ମିଳିବ, ତାହାକୁ କାର୍ଯ୍ୟକାରୀ କରିବେ ।

୬. ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଅଧିକାରୀମାନେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ, ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନରେ କାର୍ଯ୍ୟ କରିବେ ।

୭. ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦାୟିତ୍ୱ ସଂପୁର୍ଣ୍ଣ କିମ୍ବା ଆଂଶିକଭାବେ ହେଉ ଗ୍ରାମ ପଞ୍ଚାୟତ ବା କୌଣସି ସ୍ଥାନୀୟ ସଂସ୍ଥାଦ୍ୱାରା ନିର୍ବାହ କରାଯାଇ ପାରେ ।

## ୧୬. ଗ୍ରାମପଞ୍ଚାୟତର ଦାୟିତ୍ୱ

(୧) ଗ୍ରାମପଞ୍ଚାୟତର ଦାୟିତ୍ୱ ହେଉଛି ଗ୍ରାମସଭା ତଥା ପଲ୍ଲୀସଭା (ୱାର୍ଡ଼ସଭା)ର ସୁପାରିଶ ମୁତାବକ ଗ୍ରାମପଞ୍ଚାୟତ ଅଧିନରେ ଚାଲିବାକୁଥିବା ଯୋଜନାଗୁଡ଼ିକୁ ଚିହ୍ନଟକରି ବା ତାହାକୁ କାର୍ଯ୍ୟକାରୀ କରାଇବା ଏବଂ ତଦାରଖ କରିବା ।

(୨) କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ଯେ କୌଣସି ଯୋଜନାକୁ ପ୍ରକଳ୍ପକୁ କୌଣସି ଯୋଜନା ଅଧୀନରେ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଗ୍ରାମପଞ୍ଚାୟତ ହାତକୁ ନେଇପାରିବେ ।

୩. ଏହି ଯୋଜନା ଅଧୀନରେ ଯେ କୌଣସି ସମୟରେ ଦାବିମୁତାବକ କାମ ପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତ, ଗ୍ରାମସଭା ଓ ପଲ୍ଲୀସଭା (ୱାର୍ଡ଼ସଭା)ର ସୁପାରିଶକ୍ରମେ ଏକ ବିକାଶ ଯୋଜନା ସହ ସମ୍ଭାବ୍ୟ କାର୍ଯ୍ୟଗୁଡ଼ିକର ଏକ କ୍ରମତାଲିକା ପ୍ରସ୍ତୁତ କରିବେ ।

୪. ଗ୍ରାମପଞ୍ଚାୟତ ବର୍ଷ ଆରମ୍ଭରୁ ସେହି ବର୍ଷପାଇଁ ତାଙ୍କ ଅଞ୍ଚଳରେ ଚାଲିଥିବା ବିକାଶ ଯୋଜନାଗୁଡ଼ିକର ପ୍ରସ୍ତାବକୁ ଅଗ୍ରାଧିକାରଭିତ୍ତିରେ କ୍ରମାନୁସାରେ ସଜାଇ କାର୍ଯ୍ୟକ୍ରମ ଅଧିକାରୀଙ୍କ ଯାଞ୍ଚ ତଥା ପ୍ରାଥମିକ ଅନୁମୋଦନ ସକାଶେ ପଠାଇବେ ।

(୫) ଗ୍ରାମପଞ୍ଚାୟତ ମାଧ୍ୟମରେ ହେବାକୁଥିବା କାର୍ଯ୍ୟପାଇଁ ଯେତିକି ଅର୍ଥ ଆବଶ୍ୟକ ତା'ର ଅଧା ଅର୍ଥ କାର୍ଯ୍ୟକ୍ରମ ଅଧିକାରୀ ଗ୍ରାମପଞ୍ଚାୟତକୁ ଯୋଗାଇ ଦେବେ ।

(୬) କାର୍ଯ୍ୟକ୍ରମ ଅଧିକାରୀ ପ୍ରତି ଗ୍ରାମପଞ୍ଚାୟତକୁ ମଞ୍ଜୁର ହୋଇଥିବା ପ୍ରତ୍ୟେକ କାମ ପାଇଁ (କ) ହାଜିରାଖାତା (ମଷ୍ଟରରୋଲ) ଓ (ଖ) ସେହି ପଞ୍ଚାୟତ ଲୋକଙ୍କ ପାଇଁ ଆଉ କେଉଁଠାରେ ମିଳୁଥିବା କର୍ମ ନିଯୁକ୍ତି ବିଷୟରେ ଏକ ସୂଚୀ ଯୋଗାଇଦେବେ

୭. ଗ୍ରାମପଞ୍ଚାୟତ କାମ ପାଇଁ ଆବେଦନ କରିଥିବା ଶ୍ରମିକମାନଙ୍କୁ କାମ ଯୋଗାଇଦେବା ସହିତ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ରିପୋର୍ଟ କରିବାକୁ କହିବେ ।

୮. ଗ୍ରାମପଞ୍ଚାୟତ ଦ୍ୱାରା କରାଯାଉଥିବା କାର୍ଯ୍ୟର ବୈଷୟିକ ମାନ ଏବଂ ମାପଚୁପ ଯେପରି ଠିକ୍‌ଠାକ୍ ରହିବ ସେଥି ପ୍ରତି ଦୃଷ୍ଟି ଦେବେ ।

**୧୭. ଗ୍ରାମସଭା ପକ୍ଷରୁ ସାମାଜିକ ସମୀକ୍ଷା**

(୧) ଗ୍ରାମପଞ୍ଚାୟତ ମଧ୍ୟରେ ହେଉଥିବା ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଗ୍ରାମସଭା ନିରୀକ୍ଷଣ କରିବେ

(୨) ଗ୍ରାମପଞ୍ଚାୟତ ଅଧିନରେ ଚାଲୁଥିବା ସମସ୍ତ ପ୍ରକଳ୍ପ ସଂପର୍କରେ ଗ୍ରାମସଭା ନିୟମିତ ଭାବରେ ସାମାଜିକ ସମୀକ୍ଷା କରିବେ ।

(୩) ଏଥିପାଇଁ ଗ୍ରାମପଞ୍ଚାୟତ ଗ୍ରାମସଭାକୁ ସମସ୍ତ ଆବଶ୍ୟକୀୟ କାଗଜପତ୍ର

ଯଥା ହାଜିରଖାତା, ବିଲ୍, ଭାଉଚର୍, ମାପବହି, ମଞ୍ଜୁରୀ ନିର୍ଦ୍ଦେଶନାମାର କପି ବା ଅନ୍ୟାନ୍ୟ ଆନୁସଙ୍ଗିକ ହିସାବ ବହି ଓ କାଗଜପତ୍ର ଇତ୍ୟାଦି ଯାହା ଦରକାର ତାହା ଯୋଗାଇଦେବେ

**୧୮. ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରର ଦାୟିତ୍ୱ**

ରାଜ୍ୟ ସରକାର ଯୋଜନା ଫଳପ୍ରଦ କାର୍ଯ୍ୟକାରିତା ପାଇଁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ତଥା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଆବଶ୍ୟକୀୟ କର୍ମଚାରୀ ସହିତ ବୈଷୟିକ ସହାୟତା ଯୋଗାଇଦେବେ ।

**୧୯. ଆପତ୍ତି/ଅଭିଯୋଗ ଶୁଣାଣି**

ଏହି ଆଇନ ଅଧିନରେ ହେଉଥିବା ଯୋଜନା ବା କର୍ମନିଯୁକ୍ତିକୁ ନେଇ ଶ୍ରମିକମାନଙ୍କର ଯାହା କିଛି ଆପତ୍ତି ଅଭିଯୋଗ ଥିବ ତାର ଶୁଣାଣି କରିବା ଏବଂ ତା'ର ଫଇସଲା ପଦ୍ଧତି ପାଇଁ ରାଜ୍ୟ ସରକାର ଜିଲ୍ଲା ତଥା ବ୍ଲକରରେ ବ୍ୟବସ୍ଥା କରିବେ ।

## ଅଧ୍ୟାୟ - ୫
## ଜାତୀୟ ତଥା ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପାଣ୍ଠି ଗଠନ ଏବଂ ହିସାବ ସମୀକ୍ଷା

### ୨୦. ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ପାଣ୍ଠି

(୧) ଏହି ଆଇନର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାର ବିଜ୍ଞପ୍ତି ଜରିଆରେ ଏକ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ପାଣ୍ଠି ପ୍ରତିଷ୍ଠା କରିବେ

(୨) ଏଥିପାଇଁ ସଂସଦରେ ଆଇନ ପାଶ୍ କରି କେନ୍ଦ୍ର ସରକାର ଏହି ଜାତୀୟ ପାଣ୍ଠି ପାଇଁ ଅନୁଦାନ ବା ଋଣ ଯେକୌଣସି ଆକାରରେ ଆବଶ୍ୟକୀୟ ଅର୍ଥ ଯୋଗାଡ଼ କରିବେ ।

(୩) ଏହି ଜାତୀୟ ପାଣ୍ଠିର ଗଚ୍ଛିତ ଅର୍ଥ କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶମୁତାବକ ଧାର୍ଯ୍ୟ ପ୍ରକ୍ରିୟା ଓ ପରିସ୍ଥିତିରେ ଖର୍ଚ୍ଚ କରାଯିବ

### ୨୧. ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପାଣ୍ଠି

(୧) ଏହି ଆଇନ ମୁତାବକ ଯୋଜନାର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଜ୍ଞପ୍ତି ଜରିଆରେ ଏକ ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପାଣ୍ଠି ପ୍ରତିଷ୍ଠା କରିବେ

(୨) ଏହି ପାଣ୍ଠିର ଅର୍ଥକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ନିଶ୍ଚିତ ନିଯୁକ୍ତି ଯୋଜନାର କାର୍ଯ୍ୟକାରିତା ପାଇଁ ହେବାକୁ ଥିବା ପ୍ରଶାସନିକ ତଥା ଅନ୍ୟାନ୍ୟ କାର୍ଯ୍ୟରେ ଖର୍ଚ୍ଚ କରାଯିବ । ତେବେ ଏହା ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପରିସ୍ଥିତି, ପ୍ରକ୍ରିୟା ଏବଂ ସୀମା ଅନୁଯାୟୀ ଖର୍ଚ୍ଚ କରାଯିବ ।

(୩) ରାଜ୍ୟ-ପାଣ୍ଠି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଖର୍ଚ୍ଚ କରାଯିବ ।

## ୨୨. ପାଣ୍ଠି ଯୋଗାଣ ପଦ୍ଧତି

(୧) ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଏହି ପାଣ୍ଠିରୁ ନିମ୍ନ ମତେ ଅର୍ଥ ଖର୍ଚ୍ଚ କରାଯାଇ ପାରିବ ।

(କ) ଏହି ଯୋଜନାରେ କର୍ମ ନିଯୁକ୍ତି ପାଇବାକୁ ଥିବା ଅଣକୁଶଳୀ ଶ୍ରମିକମାନଙ୍କର ମଜୁରୀପାଇଁ ଆବଶ୍ୟକ ଅର୍ଥ

(ଖ) କାର୍ଯ୍ୟକାରୀ ହେବାକୁ ଥିବା ଯୋଜନାରେ ଯେଉଁ ସାମଗ୍ରୀ ବ୍ୟବହାର ହେବାକୁ ଥିବ ତା'ର ତିନି ଚତୁର୍ଥାଂଶ ମୂଲ୍ୟ ସହିତ କୁଶଳୀ ତଥା ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ଅର୍ଥ

(ଗ) କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଶ୍ଚିତ କରାଯାଇଥିବା ପ୍ରଶାସନିକ ଖର୍ଚ୍ଚ ଯେଉଁଥିରେ କାର୍ଯ୍ୟକ୍ରମ ଅଧିକାରୀ ଓ ତାଙ୍କ ଅଧୀନସ୍ଥ କର୍ମଚାରୀମାନଙ୍କର ଦରମା ଏବଂ ଭତ୍ତା, କେନ୍ଦ୍ରୀୟ ପରିଷଦର ପ୍ରଶାସନିକ ଖର୍ଚ୍ଚ, ଅନୁଚ୍ଛେଦ -୨ ଅନୁସାରେ ଯୋଗାଇ ଦିଆଯାଇଥିବା ସୁବିଧାସୁଯୋଗ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନ୍ୟାନ୍ୟ ଖର୍ଚ୍ଚ ସାମିଲ ହେବ ।

୨. ରାଜ୍ୟ ସରକାର ନିମ୍ନଲିଖିତ ଅର୍ଥ ଖର୍ଚ୍ଚ କରିବେ

(କ) ଏହି ଯୋଜନା ଅନୁଯାୟୀ ଦିଆଯିବାକୁ ଥିବା ବେକାରୀଭତ୍ତା ଅର୍ଥ ରାଜ୍ୟ ସରକାର ବହନ କରିବେ ।

(ଖ) ଏଥିରେ ବ୍ୟବହାର ହେବାକୁ ଥିବା ସାମଗ୍ରୀର ଏକ ଚତୁର୍ଥାଂଶ ଖର୍ଚ୍ଚ ସହିତ ଦ୍ୱିତୀୟ ଅନୁଚ୍ଛେଦ ମୁତାବକ ଏଥିରେ କାମକରୁଥିବା କୁଶଳୀ ଓ ଅର୍ଦ୍ଧ କୁଶଳୀ ଶ୍ରମିକଙ୍କର ମଜୁରୀ ରାଜ୍ୟ ସରକାର ବହନ କରିବେ ।

(ଗ) ରାଜ୍ୟ ପରିଷଦର ପ୍ରଶାସନିକ ଖର୍ଚ୍ଚ ଉଠାଇବେ

**୨୩. ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ**

(୧) ଯୋଜନାର କାର୍ଯ୍ୟକାରିତା ପାଇଁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଏବଂ ଜିଲ୍ଲାରେ କାର୍ଯ୍ୟକରୁଥିବା ଅନ୍ୟ ସମସ୍ତ କାର୍ଯ୍ୟକାରୀ ସଂସ୍ଥା ପାଣ୍ଠିର ସଠିକ ଉପଯୋଗିତା ଏବଂ ପରିଚାଳନା ପାଇଁ ଦାୟୀ ରହିବେ ।

(୨) ରାଜ୍ୟ ସରକାର ଏହି ଯୋଜନାରେ ଚାଲିଥିବା କାର୍ଯ୍ୟ, ନିଯୁକ୍ତି ଆଦିରେ ଖର୍ଚ୍ଚ ହେଉଥିବା ଅର୍ଥର ସଠିକ୍ ହିସାବ ରଖାଯିବା ପାଇଁ କ'ଣ କ'ଣ କରାଯିବ, ହିସାବ ବହି, ଖାତାପତ୍ର, ବିଲ୍ ଏବଂ ଭାଉଚର କିପରି ସାଇତି ରଖାଯିବ ତା'ର ବ୍ୟବସ୍ଥା କରିବେ ।

(୩) ରାଜ୍ୟ ସରକାର ନିୟମ ମୁତାବକ ଯୋଜନାର ସଠିକ କାର୍ଯ୍ୟକାରିତା ସହିତ ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବେ ।

(୪) ବେକାରୀ ଭତ୍ତା ଓ ମଜୁରୀ ପ୍ରଦାନ ସହିତ ସମସ୍ତ ଦେଣନେଣ ନଗଦ ଟଙ୍କା ଆକାରରେ ହେବ । ଏହା ପୂର୍ବରୁ ଘୋଷଣା କରାଯାଇଥିବା ତାରିଖରେ ଶ୍ରମିକ ସଂପ୍ରଦାୟର ନିରପେକ୍ଷ ବ୍ୟକ୍ତିମାନଙ୍କ ଉପସ୍ଥିତିରେ କରାଯିବ ।

(୫) ଗ୍ରାମପଞ୍ଚାୟତ ଦ୍ୱାରା କରାଯାଉଥିବା କୌଣସି ଯୋଜନାର କାର୍ଯ୍ୟକାରିତାକୁ ନେଇ ଯଦି କିଛି କଳି କଳିତକରାଳ କି ବିବାଦ ଉପୁଜେ ବା କେହି କିଛି ଆପତ୍ତି କରନ୍ତି ତେବେ ଏହାର ବିଚାର ପାଇଁ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଜଣାଇ ଦିଆଯିବ ।

(୬) କାର୍ଯ୍ୟକ୍ରମ ଅଧିକାରୀ ଏହିଭଳି ଯେତେ ଅଭିଯୋଗ ପାଇବେ ସେସବୁକୁ ବିଧିବଦ୍ଧଭାବରେ ଏକ ଅଭିଯୋଗ ପୁସ୍ତିକାରେ ଲେଖି ରଖିବେ ଓ ଅଭିଯୋଗ

ପାଇବାର ସାତଦିନ ମଧ୍ୟରେ ବିବାଦର ଫଇସଲା କରିବେ । ଯଦି ଏହି ଅଭିଯୋଗକୁ ଅନ୍ୟ କୌଣସି ସଂସ୍ଥାକୁ ପଠାଇବାର ଥାଏ ତେବେ ଅଭିଯୋଗକାରୀଙ୍କୁ ଉପଯୁକ୍ତ ସୂଚନା ଦେଇ ତୁରନ୍ତ ପଠେଇବାର ବ୍ୟବସ୍ଥା କରିବେ ।

**୨୪. ହିସାବ ଯାଞ୍ଚ**

(୧) କେନ୍ଦ୍ର ସରକାର ଭାରତର ମହାଲେଖାନିୟନ୍ତ୍ରକ (କଂପୋଟ୍ରୋଲର) ତଥା ମହାହିସାବ ସମୀକ୍ଷକଙ୍କ (ଅଡ଼ିଟର ଜେନେରାଲ) ସହିତ ଯୋଜନାର ପ୍ରତ୍ୟେକ ସ୍ତରରେ ସଠିକ୍ ହିସାବ ଯାଞ୍ଚ କରାଯିବାର ବ୍ୟବସ୍ଥା କରିବେ ।

(୨) ଯୋଜନାଗୁଡ଼ିକର ଖର୍ଚ୍ଚର ହିସାବ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ପଦ୍ଧତି ଓ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଅନୁସାରେ ପରିଚାଳନା କରାଯିବ

## ଅଧ୍ୟାୟ -୬

### ଅନ୍ୟାନ୍ୟ

**୨୫. ଆଇନ୍ ଉଲଘଂନ ପାଇଁ ଦଣ୍ଡ ବ୍ୟବସ୍ଥା**

ଯିଏ ଏହି ଆଇନ୍‌ରେ ଥିବା ବ୍ୟବସ୍ଥାର ଉଲ୍ଲଂଘନ କରିବେ ତାଙ୍କୁ ଟ ୧,୦୦୦/- (ଏକହଜାର) ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ ।

**୨୬. କ୍ଷମତାର୍ପଣ**

(୧) କେନ୍ଦ୍ର ସରକାର ବିଜ୍ଞପ୍ତି ଜରିଆରେ ନିଜର କେତେକ କ୍ଷମତା (ନୀତି ନିର୍ଦ୍ଧାରଣକୁ ବାଦଦେଇ) ସେଭଳି ପରିସ୍ଥିତି ଓ ସୀମା ଭିତରେ ରାଜ୍ୟ ସରକାର ବା କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କର କୌଣସି ସର୍ବୋଚ୍ଚ କର୍ମକର୍ତ୍ତାଙ୍କୁ ଅର୍ପଣ କରିପାରିବେ ।

(୨) ସେହିପରି ବିଜ୍ଞପ୍ତି ମୁତାବକ ସରକାର କେବଳ ଆଇନ୍ ଓ ନୀତି ନିର୍ଦ୍ଧାରଣ ଯୋଜନା ପ୍ରସ୍ତୁତ କରିବାର କ୍ଷମତାକୁ ବାଦ୍‌ଦେଇ ଅନ୍ୟ କ୍ଷମତାକୁ ସମସ୍ତ ସର୍ତ୍ତ ଓ ସୀମା ସହିତ ତାଙ୍କ ଅଧିନସ୍ଥ କୌଣସି ଅଧିକାରୀଙ୍କୁ ଅର୍ପଣ କରିପାରନ୍ତି ।

**୨୭. କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଦେବାର କ୍ଷମତା**

(୧) ଏହି ଆଇନ୍‌କୁ ଫଳପ୍ରଦଭାବରେ ଲାଗୁକରିବା ପାଇଁ କେନ୍ଦ୍ର ସରକାର ଉଚିତ୍ ମନେକଲେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇପାରିବେ ।

(୨) ଏହି ଆଇନ୍ ମୁତାବକ ରାଜ୍ୟରେ ଚାଲିଥିବା ଯୋଜନାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଆସିଲେ ଓ ଏଥିରେ ପ୍ରାଥମିକ ଭାବେ କୌଣସି ତଥ୍ୟପ୍ରମାଣ ମିଳିଲେ କେନ୍ଦ୍ର ସରକାର ସେପରି ଯୋଜନା ପାଇଁ ଅର୍ଥ ଦେବା ବନ୍ଦ କରିପାରିବେ ଓ ଯଥୋଚିତ ସମୟ ମଧ୍ୟରେ ବିହିତ ପ୍ରତିକାର ବ୍ୟବସ୍ଥା

କରାଯାଇ ଯେପରି ଏହି କାର୍ଯ୍ୟକ୍ରମକୁ ପୁଣି ଥରେ ଚାଲୁ କରାଯାଇ ପାରିବ ତା'ର ବ୍ୟବସ୍ଥା କରିବେ ।

**୨୮. ଏହି ଆଇନ୍‌ର ବିଶେଷ ବ୍ୟବସ୍ଥା**

ଯେଉଁଠାରେ ରାଜ୍ୟସରକାରଙ୍କର ଏହିପରି ଏକ ଅନୁରୂପ ଆଇନ୍ ଥିବ ଓ ତାହା ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ହୋଇଥିବ ତେବେ ସେହି ଆଇନ୍ ଅନୁଯାୟୀ ଚାଲିଥିବା ଯୋଜନା ଚାଲୁରହିବ । ମାତ୍ର ଯଦି କୌଣସି ରାଜ୍ୟରେ ଏହିଭଳି ଆଇନ୍ ଥିବ ଓ ନୂଆ ଆଇନ୍ ମଧ୍ୟରେ ତାରତମ୍ୟଥିବ, ତେବେ ସଂପୃକ୍ତ ପରିବାରର ଅଧିକାର ଏବଂ ନିଯୁକ୍ତିର ଅବସ୍ଥା ନୂଆ ଆଇନ୍ ଠାରୁ ଯଦି କମ୍ ହେଉନଥିବ, ତେବେ ରାଜ୍ୟ ସରକାର ନିଜ ଆଇନ୍‌କୁ ବଳବତ୍ତର ରଖିପାରିବେ । ଏପରି ସ୍ଥଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ପଦ୍ଧତିରେ ସଂପୃକ୍ତ ରାଜ୍ୟ ସରକାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଯାହାକି ଏହି ଆଇନ୍ ମୁତାବକ ରାଜ୍ୟର ପ୍ରାପ୍ୟଠାରୁ ଅଧିକ ହେବ ନାହିଁ ।

**୨୯. ଅନୁସୂଚୀରେ ପରିବର୍ତ୍ତନ କରିବାର କ୍ଷମତା**

(୧) ଆବଶ୍ୟକ ହେଲେ କେନ୍ଦ୍ର ସରକାର ବିଜ୍ଞପ୍ତି ଜରିଆରେ ଅନୁସୂଚୀ ୧ ଓ ଅନୁସୂଚୀ ୨ରେ ପରିବର୍ତ୍ତନ କରିପାରିବେ । ଏପରି ହେବାପରେ ଅନୁସୂଚୀ ୧ ଓ ୨ କୁ ସଂଶୋଧିତ ଅନୁସୂଚୀ ୧ ଏବଂ ୨ ବୋଲି କୁହାଯିବ ।

(୨) ଏପରି ପ୍ରତ୍ୟେକ ବିଜ୍ଞପ୍ତିର ଗୋଟିଏ ନକଲ ସଂସଦର ଗୃହରେ ଉତ୍‌ଥାପନ କରାଯିବ

**୩୦. ସମୁଚିତ ଆଇନ୍ ବ୍ୟବସ୍ଥାର ସୁରକ୍ଷା**

ଏହି ଆଇନ୍‌ର ସଫଳ କାର୍ଯ୍ୟକାରିତା ପାଇଁ ଉଦ୍ଦିଷ୍ଟ ନୀତି ନିର୍ଦ୍ଦେଶ ଓ ଯୋଜନା ଅନ୍ତର୍ଭୁକ୍ତ କୌଣସି ପଦକ୍ଷେପ ବା କାର୍ଯ୍ୟ ନିମନ୍ତେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବା ଲୋକସେବକ ଭାବେ ଅନ୍ୟ କୌଣସି

ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳକୋର୍ଡ଼ର ଧାରା ୨୧ ଅନୁଯାୟୀ ମୋକଦ୍ଦମା ବା ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ।

**୩୧. କେନ୍ଦ୍ର ସରକାରଙ୍କ ନୀତିନିର୍ଦ୍ଧାରଣ କ୍ଷମତା**

(୧) ଏହି ଆଇନ୍ ଏବଂ ଏହା ଅଧିନସ୍ଥ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ପୂର୍ବ ପ୍ରକାଶିତ ନିୟମକୁ ଦୃଷ୍ଟିରେ ରଖି ନୀତି ନିୟମ ପ୍ରସ୍ତୁତ ବା ନିର୍ଦ୍ଧାରଣ କରି ପାରିବେ ।

(୨) ବିଶେଷକରି ନିର୍ଦ୍ଦିଷ୍ଟଭାବେ ପୂର୍ବ କ୍ଷମତାର ବିରୋଧାଭାଷ ନକରି ନିମ୍ନଲିଖିତ ବିଷୟ ଉପରେ ଏପରି ନିୟମ ପ୍ରସ୍ତୁତ କରାଯାଇ ପାରିବ -

(କ) ରାଜ୍ୟ ସରକାରଙ୍କ ପ୍ରତିନିଧି ସଂଖ୍ୟା (ଧାରା ୧୦ର ଉପଧାରା (୩) ର (୧) ଅନୁସାରେ)

(ଖ) କେନ୍ଦ୍ରୀୟ ପରିଷଦର ଅଧକ୍ଷ ଏବଂ ଅନ୍ୟ ସଦସ୍ୟଙ୍କ ନିଯୁକ୍ତି ସର୍ତ୍ତାବଳୀ, କେନ୍ଦ୍ରୀୟ କମିଟିର ବୈଠକ ସ୍ଥାନ, ସମୟ, ଅବଧି (କୋରମ ସହ) ଇତ୍ୟାଦି ବ୍ୟବସ୍ଥା

(ଗ) କେନ୍ଦ୍ରୀୟ ପାଣ୍ଠିର ଅର୍ଥ ବିନିଯୋଗ କରାଯିବାର ସର୍ତ୍ତ, ପଦ୍ଧତି ପ୍ରକ୍ରିୟା ଓ ସୀମା ସଂପର୍କରେ ନିଷ୍ପତ୍ତି

(ଘ) କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟର ଖର୍ଚ୍ଚ ଉଠାଇବା ପାଇଁ ପାଣ୍ଠି ପ୍ରଦାନର ପ୍ରଣାଳୀ ସଂପର୍କିତ ନୀତି

(ଙ) ଅନ୍ୟ ଯେ କୌଣସି ବିଷୟ ଯାହା କେନ୍ଦ୍ରସରକାରଙ୍କ ପକ୍ଷରୁ ନୀତି ନିର୍ଦ୍ଧାରଣ ଦ୍ୱାରା ସ୍ଥିର କରାଯିବ ।

## ୩୨. ରାଜ୍ୟ ସରକାରଙ୍କ ନିୟମ ପ୍ରଣୟନ କ୍ଷମତା

(୧) ସେହିଭଳି ରାଜ୍ୟସରକାର ମଧ୍ୟ ଏହି ଆଇନର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିର ହୋଇଥିବା ପୂର୍ବନିୟମକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ବିଷୟରେ ନୀତିନିର୍ଦ୍ଧାରଣ କରିପାରିବେ । ଯାହା କି କେନ୍ଦ୍ରର ପୂର୍ବ ନିୟମ ସହିତ ମେଳ ଖାଉଥିବ ।

(କ) ବେକାରୀ ଭତ୍ତା ପାଇବାର ସର୍ତ୍ତ ଓ ନିୟମାବଳୀ ନିର୍ଦ୍ଧାରଣ

(ଖ) ବେକାରୀଭତ୍ତା ପ୍ରଦାନର ପଦ୍ଧତି ପ୍ରକ୍ରିୟା

(ଗ) ରାଜ୍ୟ ପରିଷଦର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କର ନିଯୁକ୍ତି ନିମନ୍ତେ ବୈଠକର ସମୟ, ସ୍ଥାନ ଏବଂ ପଦ୍ଧତି (କୋରମ ସମେତ) ସର୍ତ୍ତ ଏବଂ ନିବନ୍ଧନ ଇତ୍ୟାଦି

(ଘ) ବ୍ଲକ ଏବଂ ଜିଲ୍ଲା ସ୍ତରରେ ଅଭିଯୋଗ ଶୁଣାଣୀ ଓ ଫଇସଲା ପଦ୍ଧତି

(ଙ) ରାଜ୍ୟପାଣ୍ଠି ଉପଯୋଗର ସର୍ତ୍ତ ତଥା ପଦ୍ଧତି

(ଚ) ରାଜ୍ୟପାଣ୍ଠି ପରିଚାଳନା ଓ ଦାୟିତ୍ୱ ବହନ ପାଇଁ କର୍ତ୍ତୃପକ୍ଷ ନିର୍ଦ୍ଧାରଣ

(ଛ) ଶ୍ରମିକ ନିଯୁକ୍ତି ଏବଂ ଅନ୍ୟାନ୍ୟ ଖର୍ଚ୍ଚର ସଠିକ ହିସାବ ରକ୍ଷଣାବେକ୍ଷଣ

(ଜ) ଯୋଜନାର ହିସାବପତ୍ର ସୁପରିଚାଳନା ଓ ରକ୍ଷଣାବେକ୍ଷଣର ଉପାୟ ଓ ପଦ୍ଧତି ନିର୍ଦ୍ଧାରଣ

(ଝ) ନୀତି ନିର୍ଦ୍ଧାରଣ ତଥା ଆବଶ୍ୟକୀୟ ଏବଂ ଭବଷ୍ୟତରେ ଦରକାରଥିବା ଅନ୍ୟାନ୍ୟ ବିଷୟ

## ୩୩. ନୀତି ଓ ଯୋଜନା ପ୍ରଣୟନ

(୧) ଏହି ଆଇନ ଅନୁସାରେ ଯେଉଁ ସବୁ ନୀତି ପ୍ରସ୍ତୁତ କରାଯିବ ତାହାକୁ ସଂସଦର ଉଭୟ ଗୃହରେ ଯେତେ ଶୀଘ୍ର ସମ୍ଭବ, ପାର୍ଲ୍ୟାମେଣ୍ଟ ଅଧିବେଶନର ୩୦ ଦିନ ମଧ୍ୟରେ ଉପସ୍ଥାପନ କରାଯିବ । ଏହା ହୁଏତ ଗୋଟିଏ ଅଧିବେଶନ କିମ୍ବା ପରବର୍ତ୍ତୀ ଅଧିବେଶନରେ ବିଚାରକୁ ନିଆଯାଇପାରେ । ଅଧିବେଶନର ଶେଷ ପୂର୍ବରୁ ଠିକ୍ ପରବର୍ତ୍ତୀ ଅଧିବେଶନ କିମ୍ବା ତା ପରବର୍ତ୍ତୀ ଅଧିବେଶନରେ ଉଭୟ ଗୃହ ଯଦି ନୀତିରେ କିଛି ପରିବର୍ତ୍ତନ ପାଇଁ ରାଜି ହୁଅନ୍ତି କିମ୍ବା ଉଭୟ ଗୃହ ଏହି ନୀତି ଆବଶ୍ୟକ ନୁହେଁ ବୋଲି ଏକମତ ହୁଅନ୍ତି ତେବେ ପରିବର୍ତ୍ତନ ପରେ ନୀତିକୁ କାର୍ଯ୍ୟକାରୀ କରାହେବ କିମ୍ବା ନୀତିକୁ ଆଦୌ କାର୍ଯ୍ୟକାରୀ କରାନଯିବା ଭଳି ପରିସ୍ଥିତି ଉପୁଜେ, ତେବେ ପୂର୍ବରୁ ଗ୍ରହଣ କରାଯାଇଥିବା ନୀତି ସଂକ୍ରାନ୍ତୀୟ ବୈଧତାକୁ ବିରୋଧ କରାଯିବା ଅନୁଚିତ୍ ଅଟେ ।

(୨) ସେହିପରି ରାଜ୍ୟସ୍ତରରେ ଯେଉଁ ଆଇନ କରାଯିବ ତାହାକୁ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବ । ଯେଉଁଠାର ବିଧାନସଭାରେ ଦୁଇଟି ଗୃହ ଥିବ ସେଠାରେ ଏହି ଆଇନକୁ ଉଭୟ ଗୃହରେ ଏବଂ ଯେଉଁଠି ଗୋଟିଏ ଗୃହ ଥିବ ସେଠାରେ ଆଗତ କରାଯିବ ।

## ୩୪. ସମସ୍ୟା ଉଚ୍ଛେଦ କ୍ଷମତା

(୧) ଏହି ଆଇନ କାର୍ଯ୍ୟକାରୀ କରିବାରେ ଯଦି କୌଣସି ଅସୁବିଧା ବା ଅସଂଗତି ସୃଷ୍ଟି ହୁଏ ତେବେ ତାହାକୁ ସରକାରୀ ବିଜ୍ଞପ୍ତି ପ୍ରକାଶ କରାଯାଇ ଏହି ଅସୁବିଧାକୁ ଦୂର କରିବାର ବ୍ୟବସ୍ଥା କରାଯିବ । ତେବେ ଏହି ଧାରାର ଆଇନ ତିନିବର୍ଷ ପୂରଣ ପରେ ଏଥିରେ ଆଉ କୌଣସି ପରିବର୍ତ୍ତନ ଆଦେଶ ଦିଆଯାଇ ପାରିବ ନାହିଁ ।

(୨) ସେଭଳି ଯେଉଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯିବ ତାହାକୁ ତୁରନ୍ତ ସଂସଦର ଉଭୟ ଗୃହରେ ଉପସ୍ଥାପନ କରାଯିବ ।

# ଅନୁସୂଚୀ - ୧
## (ଧାରା ୪(୩) ରେ ଦ୍ରଷ୍ଟବ୍ୟ)

**ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସର୍ବନିମ୍ନ ବୈଶିଷ୍ଟ୍ୟ :**

୧. ନିମ୍ନଲିଖିତ ବିଷୟଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ଏହି ଯୋଜନାର କେନ୍ଦ୍ର ବିନ୍ଦୁହେବ (ବା ଏହି ଯୋଜନା ଅଧିନରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଆସିବ) ଯଥା -

(କ) ଜଳ ସଂରକ୍ଷଣ ଓ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟ

(ଖ) ମରୁଡ଼ି ନିରାକରଣ (ବନୀକରଣ ଓ ବୃକ୍ଷରୋପଣ ସହିତ)କାର୍ଯ୍ୟ

(ଗ) କ୍ଷୁଦ୍ର ତଥା ଅଣୁଜଳସେଚନ ସମେତ ଜଳସେଚନ କେନାଲ ନିର୍ମାଣ କାର୍ଯ୍ୟ

(ଘ) ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଭୂସଂସ୍କାର ଓ କେନ୍ଦ୍ରସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଯୋଜନା ଇନ୍ଦିରାଆବାସ ହିତାଧିକାରୀଙ୍କ ଜମିକୁ ଜଳ ସେଚନ ସୁବିଧା ଓ ପରିଷ୍କାର ପରିଚ୍ଛନ୍ନତା

(ଙ) ପୁରାତନ ବନ୍ଧ, ପୋଖରୀ ବା ପାରମ୍ପରିକ ଜଳାଶୟଗୁଡ଼ିକର ପଙ୍କୋଦ୍ଧାର କାର୍ଯ୍ୟ

(ଚ) ଭୂ-ଉନ୍ନୟନ

(ଛ) ବନ୍ୟା ନିୟନ୍ତ୍ରଣ ଓ ସୁରକ୍ଷା କାର୍ଯ୍ୟ ସମେତ ଜଳ ଜମୁଥିବା ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ନାଳ ବ୍ୟବସ୍ଥା

(ଜ) ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ ସବୁଦିନିଆ ରାସ୍ତା ନିର୍ମାଣ କାର୍ଯ୍ୟ ।

(ଝ) ଅନ୍ୟ ସମସ୍ତ କାର୍ଯ୍ୟ ଯାହାକୁ କି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଚାଲୁ କରିବାକୁ ଚାହୁଁଥିବେ ।

୨. ଗ୍ରାମୀଣ ଗରିବଲୋକଙ୍କର ଜୀବିକାର୍ଜନର ପନ୍ଥାକୁ ଅଧିକ ମଜବୁତ୍ କରିବା ନିମନ୍ତେ ସ୍ଥାୟୀ ସଂପତ୍ତି ସୃଷ୍ଟି କରିବା ଏହି ଯୋଜନାର ଏକ ଗୁରତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେବ ।

୩. ଯୋଜନାଅଧିନରେ କରାଯିବାକୁ ଥିବା ସମସ୍ତ କାର୍ଯ୍ୟ କେବଳ ଗ୍ରାମାଞ୍ଚଳରେ ହିଁ କରାଯିବ ।

୪. ବିଭିନ୍ନ ଗ୍ରାମାଞ୍ଚଳରେ ଏହି ଯୋଜନା ଜରିଆରେ ସ୍ଥାୟୀ ସଂପତ୍ତି ସୃଷ୍ଟି କରିପାରିବା ଭଳି ସେହି ଅଞ୍ଚଳରେ ଶ୍ରମିକମାନଙ୍କ ଦକ୍ଷତା ଭିତ୍ତିରେ କି କି ଯୋଜନା କରାଯିବ ରାଜ୍ୟ ପରିଷଦ ତା'ର ଏକ ତାଲିକା ପ୍ରସ୍ତୁତ କରିବେ ।

୫. ଜନସାଧାରଣଙ୍କ ପାଇଁ ଏହି ଯୋଜନାରେ ସୃଷ୍ଟି ହୋଇଥିବା ସଂପତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ଉପଯୁକ୍ତ ବ୍ୟବସ୍ଥା କରାଯିବ ।

୬. ଏହି ଯୋଜନା ଅଧୀନରେ ଚାଲୁଥିବା କାର୍ଯ୍ୟରେ କାମକରୁଥିବା ଶ୍ରମିକଙ୍କୁ କୌଣସିମତେ ସର୍ବନିମ୍ନ ମଜୁରୀ ମୂଲ୍ୟରୁ କମ୍ ଅର୍ଥ ଦିଆଯିବ ନାହିଁ ।

୭. କାର୍ଯ୍ୟର ମାନ ସହ ମଜୁରୀ ଦର ସିଧାସଳଖ ଜଡ଼ିତ ରହୁଥିବା କାରଣରୁ କେଉଁ କାମ ପାଇଁ କେତେ ମଜୁରୀ ଦିଆଯିବ ତାହା ରାଜ୍ୟ ସରକାର ରାଜ୍ୟ ପରିଷଦ ସହିତ ବିଚାରାଲୋଚନା ଓ ପରାମର୍ଶ କରି ସ୍ଥିର କରିବେ ।

୮. ଯେତେବେଳେ କାମକୁ ଦେଖି ମଜୁରୀ ସ୍ଥିର କରାଯିବ ସେତେବେଳେ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ମଜୁରୀହାର ଏପରି ନିର୍ଦ୍ଧାରଣ କରାଯିବ ଯେ ଯେପରିକି ଯୋଜନାରେ ସାତଘଣ୍ଟା କାମକରିଥିବା ଶ୍ରମିକ ମଧ୍ୟ ଧାର୍ଯ୍ୟଦରରେ ପୁରା ଦିନକର ମଜୁରୀ ପାଇବେ ।

୯. ତେବେ କୁଶଳୀ/ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କର ମଜୁରୀ ଖର୍ଚ୍ଚ ଯେପରି ମୋଟ ପ୍ରକଳ୍ପ ଖର୍ଚ୍ଚର ୪୦ ଭାଗରୁ ଅଧିକ ନହେବ ସେଥିପ୍ରତି ଧ୍ୟାନ ରଖିବାକୁ ହେବ ।

୧୦. କାର୍ଯ୍ୟକ୍ରମ ଅଧିକାରୀ ଏବଂ ଗ୍ରାମପଞ୍ଚାୟତମାନେ ଏହି ଯୋଜନାରେ ନିଯୁକ୍ତି ପାଇଁ ଆବେଦନ କରିଥିବା ଗ୍ରାମାଞ୍ଚଳରେ ଯେ କୌଣସି ଲୋକଙ୍କୁ କାମକରିବାକୁ ଖୋଲାଖୋଲି ଭାବେ ନିର୍ଦ୍ଦେଶ ଦେଇପାରିବେ ।

୧୧. ଏହି ଯୋଜନାରେ କୌଣସି ଠିକାଦାରଙ୍କୁ କାମ ଦିଆଯାଇପାରିବ ନାହିଁ ।

୧୨. ଏହି ଯୋଜନା ଅଧୀନରେ ଓ ପାଣ୍ଠି ଅର୍ଥରେ ଚାଲିବାକୁ ଥିବା କାର୍ଯ୍ୟ ଯନ୍ତ୍ର ଦ୍ୱାରା କରାନଯାଇ ଉଦ୍ଦିଷ୍ଟ ଶ୍ରମିକଙ୍କ ଦ୍ୱାରା କରାଯିବ ।

୧୩. ଯୋଜନାର ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଦିଗରେ ଆବଶ୍ୟକ ବ୍ୟବସ୍ଥା କରାଯିବ ।

୧୪. ଏହି ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା କାମର ଗୁଣାତ୍ମକ ମାନ ତଥା କାମ ଅନୁଯାୟୀ ସଠିକ ମଜୁରୀ ପ୍ରଦାନ କରାଯିବା ସକାଶେ ନିୟମିତ ପର୍ଯ୍ୟବେକ୍ଷଣ ଏବଂ ତଦାରଖର ସୁବନ୍ଦୋବସ୍ତ କରାଯିବ ।

୧୫. ଯୋଜନାକୁ କାର୍ଯ୍ୟକାରୀ କରାଉଥିବା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ଗ୍ରାମପଞ୍ଚାୟତମାନଙ୍କ ପକ୍ଷରୁ ଯୋଜନାର କାର୍ଯ୍ୟକାରିତା, ସଫଳତା ତଥା ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଥାଇ ଏକ ବାର୍ଷିକ ବିବରଣୀ ପ୍ରକାଶ କରାଯିବ । ଏହି ବିବରଣୀକୁ ଜନସାଧାରଣ ଯେତେବେଳେ ଚାହିଁବେ, ଏହି ଯୋଜନା ଅନ୍ତର୍ଗତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫି ଦାଖଲ କରି ପାଇପାରିବେ ।

୧୬. ଏହି ଯୋଜନାର ସମସ୍ତ ହିସାବ ତଥା ନଥିପତ୍ର ଜନସାଧାରଣଙ୍କ ତନଖି ପାଇଁ ଉପଲବ୍ଧ ହେବ ଏବଂ ଯେ କୌଣସି ଲୋକ ଚାହିଁଲା ମାତ୍ରେ ନିର୍ଦ୍ଧାରିତ ଫି ଦାଖଲ କରି ଏସଂପର୍କିତ ଯେକୌଣସି ତଥ୍ୟର ସଂପୂର୍ଣ୍ଣ ବିବରଣୀର ନକଲ କିମ୍ବା କୌଣସି ବିଷୟର ଅଂଶ ବିଶେଷର ନକଲ ପାଇ ପାରିବେ ।

୧୭. ପ୍ରତ୍ୟେକ ଯୋଜନାର ସ୍ୱତନ୍ତ୍ର ହାଜିରାଖାତା ପ୍ରସ୍ତୁତ କରାଯାଇ ଗ୍ରାମପଞ୍ଚାୟତ ବା କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରଖାଯିବ ଓ ଯେ କୌଣସି ବ୍ୟକ୍ତି ଚାହିଁଲେ ନିର୍ଦ୍ଦିଷ୍ଟ ଫି ଦାଖଲକରି ଏହାକୁ ଦେଖିପାରିବେ ।

# ଅନୁସୂଚୀ - ୨
(ଧାରା ୫ରେ ଦ୍ରଷ୍ଟବ୍ୟ)

## ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସର୍ତ୍ତାବଳୀ ଏବଂ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ

୧. ପ୍ରତ୍ୟେକ ପରିବାରର ଯେଉଁ ବୟସ୍କ ବ୍ୟକ୍ତି ଏହି ଯୋଜନାରେ କାର୍ଯ୍ୟକରିବାକୁ ଚାହୁଁଥିବେ

(କ) ସେ କୌଣସି ଏକ ଗ୍ରାମାଞ୍ଚଳରେ ରହୁଥିବେ ।

(ଖ) ଅଣ କୁଶଳୀ ଶାରିରୀକ ଶ୍ରମ କରିବାକୁ ଆଗ୍ରହୀ ଥିବେ । ସେ ଏହି ଯୋଜନାରେ ଗୋଟିଏ ''କର୍ମ ନିଯୁକ୍ତି ପତ୍ର'' ବା ଜବ-କାର୍ଡ଼ ପାଇବା ପାଇଁ ନିଜ ନାଆଁ, ଗାଆଁ, ବୟସ ଏବଂ ଠିକଣା ସହିତ ତାଙ୍କ ପଞ୍ଚାୟତର ନାମ ଲେଖି ନିଜ ଗ୍ରାମପଞ୍ଚାୟତକୁ ଆବେଦନ କରିବେ ।

୨. ନିଜ ଅଞ୍ଚଳରେ କର୍ମ ନିଯୁକ୍ତି ଚାହୁଁଥିବା ପରିବାରଗୁଡ଼ିକର ପଞ୍ଜିକରଣ କରିବା ଗ୍ରାମ ପଞ୍ଚାୟତର କାମ । ଗ୍ରାମପଞ୍ଚାୟତ ଏହାର ଏକ ତାଲିକା ପ୍ରସ୍ତୁତ କରି ଉଚିତମନେ କଲେ ସେହି ପରିବାର ବିଷୟରେ ଆବଶ୍ୟକୀୟ ତଦନ୍ତ କରିବେ । ଏହାପରେ ଆବେଦନକାରୀଙ୍କ ପରିବାର ସଂପର୍କରେ ଟିକିନିଖି ବିବରଣୀ ଲେଖିବେ । ଏଥିସହ ଏହି ଯୋଜନାରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅନୁସାରେ ପରିବାରର ବୟସ୍କ ବ୍ୟକ୍ତିମାନଙ୍କ ବିବରଣୀ ସହ ଫଟୋ ଲଗାଯାଇଥିବା ଜବ-କାର୍ଡ଼ ବା କର୍ମ ନିଯୁକ୍ତି ପତ୍ର ଦିଆଯିବ ।

୩. ଉପରୋକ୍ତ କ୍ରମାଙ୍କ -୨ରେ ଦିଆଯାଇଥିବା ଏପରି ପଞ୍ଜିକରଣର ସମୟସୀମା ପାଞ୍ଚବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ଓ ସମୟକୁ ସମୟ ଏହି ଜବ୍ କାର୍ଡ଼ ବା କର୍ମ ନିଯୁକ୍ତି ପତ୍ରର ନବୀକରଣ କରାଯିବ ।

୪. ଏଭଳି ପଞ୍ଜିକୃତ ପରିବାରର ଶ୍ରମିକମାନଙ୍କୁ ଏପରି ଜବ-କାର୍ଡ଼ ବା କର୍ମ ନିଯୁକ୍ତି ପତ୍ର ଦିଆଯିବ, ଯାହାଙ୍କ ନାମ ଏଥିରେ ଉଲେଖଥିବ, ସେମାନେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଣ-କୁଶଳୀ କାମ ପାଇବା ପାଇଁ ଆବେଦନ କରିବାକୁ ହକ୍‌ଦାର ହେବେ ।

୫. ଏହି ଆଇନ୍ ଅନୁସାରେ ସମସ୍ତ ପଞ୍ଜିକୃତ ଶ୍ରମିକ ଗୋଟିଏ ଆର୍ଥିକ ବର୍ଷରେ ପ୍ରତି ପରିବାର ସର୍ବାଧିକ ୧୦୦ଦିନ ନିଯୁକ୍ତି ପାଇବାକୁ ହକ୍‌ଦାର ହେବେ ।

୬. ଆବେଦନକାରୀଙ୍କଠାରୁ ଆବେଦନପତ୍ର ପାଇବାର ୧୫ ଦିନ ମଧ୍ୟରେ ତାଙ୍କୁ ଏହି ଯୋଜନାରେ ଯେତେଦିନ ସମ୍ଭବ କର୍ମ ନିଯୁକ୍ତି ଦିଆଯିବ । ତେବେ ଏହି ନିଯୁକ୍ତି ୧୦୦ ଦିନରୁ କମ୍ ହେବ ନାହିଁ । ନିଯୁକ୍ତି ପାଉଥିବା ଶ୍ରମିକଙ୍କ ମଧ୍ୟରେ ଏକ ତୃତୀୟାଂଶ ମହିଳାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ ।

୭. କର୍ମ ନିଯୁକ୍ତି ପାଇଁ ଯେଉଁମାନେ ଆବେଦନ କରିବେ ସେମାନେ ଏକାଥରକେ ଅନ୍ତତଃ ୧୪ ଦିନ ପର୍ଯ୍ୟନ୍ତ କାମକରିବାକୁ ପ୍ରସ୍ତୁତ ରହିବା ଉଚିତ୍ ।

୮. କର୍ମ ନିଯୁକ୍ତିର ଦିନ ପାଇଁ ଆବେଦନ କରିବାର କୌଣସି ସୀମା ନାହିଁ । ଗୋଟିଏ ପରିବାରର ମୋଟ କର୍ମ ନିଯୁକ୍ତି ଯୋଗାଣର ଆବଶ୍ୟକତାକୁ ବିଚାରକରି ବାସ୍ତବ କ୍ଷେତ୍ରରେ କାମ ପାଇବାର ଦିନ ମଧ୍ୟରେ କୌଣସି ସୀମା କଟକଣା ଲାଗୁ ହେବ ନାହିଁ ।

୯. ଯୋଜନାରେ ଥିବା ନିର୍ଦ୍ଦେଶ ମୁତାବକ କର୍ମ ନିଯୁକ୍ତି ପାଇଁ ଗ୍ରାମପଞ୍ଚାୟତ ବା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଲିଖିତ ଭାବରେ ଆବେଦନ କରାଯିବ ।

୧୦. ଗ୍ରାମପଞ୍ଚାୟତ ଏବଂ କାର୍ଯ୍ୟକ୍ରମ ଅଧିକାରୀ ସଠିକ୍ ଦରଖାସ୍ତ ଗ୍ରହଣକରିବାକୁ ବାଧ୍ୟ ଅଟନ୍ତି । ସେ ଆବେଦନକାରୀଙ୍କୁ ଏହି ଆବେଦନପତ୍ର ଗ୍ରହଣ କରିବାର ତାରିଖ ଲେଖି ରସିଦ୍ ଦେବେ । ଦଳଗତ ଆବେଦନ ପତ୍ର ମଧ୍ୟ ଦାଖଲ କରାଯାଇ ପାରିବ ।

୧୧. ଆବେଦନକାରୀମାନଙ୍କୁ ସେମାନଙ୍କ ନିଯୁକ୍ତି ବିଷୟରେ ସେମାନଙ୍କ କର୍ମନିଯୁକ୍ତି ପତ୍ର ବା ଜବକାର୍ଡ଼ରେ ଥିବା ପରିବାରର ଠିକଣାରେ ଲିଖିତଭାବେ ଚିଠି ଦ୍ୱାରା ଜଣାଇ ଦିଆଯିବ । ଏହା ବ୍ୟତୀତ ପୌରପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ନୋଟିସବୋର୍ଡ଼ରେ ବିଜ୍ଞପ୍ତି ଜରିଆରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବାକୁ ହେବ ।

୧୨. ଯଥାସମ୍ଭବ ଏହି ଯୋଜନାରେ ନିଯୁକ୍ତି ପାଇବାକୁ ଆବେଦନ କରୁଥିବା ଆବେଦନକାରୀଙ୍କୁ ତାଙ୍କ ଗ୍ରାମର ପାଞ୍ଚ କିଲୋମିଟର ଦୂରତା ବା ପରିଧି ମଧ୍ୟରେ କର୍ମ ନିଯୁକ୍ତି ପ୍ରଦାନ କରାଯିବ ।

୧୩. ଏହି ଯୋଜନା ଅଧୀନରେ ଗୋଟିଏ ନୂତନ କାର୍ଯ୍ୟ ନିମ୍ନଲିଖିତ ସର୍ତ୍ତ ସହିତ କେବଳ ଆରମ୍ଭ କରାଯାଇ ପାରେ -

(କ) ଯେଉଁ କାର୍ଯ୍ୟପାଇଁ ଅନ୍ତତଃ ୫୦ ଜଣ ଶ୍ରମିକ ମିଳୁଥିବେ ।

(ଖ) ଆଗରୁ ଚାଲୁରହିଥିବା କାର୍ଯ୍ୟରେଏହି ଶ୍ରମିକମାନଙ୍କୁ କାମ ଦିଆଯିବ ନାହିଁ । ଅବଶ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପାହାଡ଼ିଆ ଅଞ୍ଚଳରେ ତଥା ବନୀକରଣ କାର୍ଯ୍ୟକ୍ରମ କ୍ଷେତ୍ରରେ ଏହି ସର୍ତ୍ତ ଲାଗୁ ହେବ ନାହିଁ ।

୧୪. ଯଦି ୫ କିଲୋମିଟର ପରିଧି ବାହାରେ ନିଯୁକ୍ତି ଦିଆଯାଏ, ତେବେ ତାହା ସେହି ବ୍ଲକଭିତରେ ଦିଆଯିବ ଓ ଏଥିପାଇଁ ନିଯୁକ୍ତ ଶ୍ରମିକଙ୍କୁ ବାଟଖର୍ଚ୍ଚ ଓ ଖାଇବାପିଇବା ବାବଦରେ ଶତକଡ଼ା ୧୦ ଭାଗ ଅତିରିକ୍ତ ମଜୁରୀ ପ୍ରଦାନ କରାଯିବ ।

୧୫. ଗୋଟିଏ କାର୍ଯ୍ୟର କାର୍ଯ୍ୟସମୟ ଅତିକମରେ ଲଗାତର ୧୪ ଦିନ ହେବା ଆବଶ୍ୟକ । ତେବେ ଗୋଟିଏ ସପ୍ତାହରେ କେବଳ ଛଅଦିନରୁ ଅଧିକ ଦିନ ଏହି କାମ ଦିଆଯିବ ନାହିଁ ।

୧୬. ଯେଉଁଠାରେ ବେକାରୀଭତ୍ତା ଦିଆଯାଉଛି ବା ଦିଆଯିବାକୁ ଅଛି ସେଠାରେ କାର୍ଯ୍ୟକ୍ରମ ଅଧିକାରୀ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଲିଖିତ ଭାବରେ ଆବେଦନକାରୀ ନିଯୁକ୍ତି ନପାଇବାର କାରଣ ଅଥବା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ତାଙ୍କ ପକ୍ଷେ କାହିଁକି ସମ୍ଭବ ହୋଇ ପାରିନାହିଁ ତାର କାରଣ ସହିତ ଲିଖିତ ଭାବରେ ଜଣାଇବେ ।

୧୭. ଯେଉଁଠାରେ ବେକାରୀଭତ୍ତା ପ୍ରଦାନ କରାଯାଉଛି, ସେଠାରେ କାହିଁକି ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇ ପାରିଲା ନାହିଁ ସେ ବିଷୟରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ରାଜ୍ୟ ପରିଷଦକୁ ଦେଉଥିବା ତାଙ୍କ ବାର୍ଷିକ ବିବରଣୀରେ ସ୍ପଷ୍ଟ କରିବେ ।

୧୮. ଏହି ଯୋଜନାରେ ଜଣେ ଆବେଦନକାରୀ ଯେଉଁ ଦିନଠାରୁ ନିଯୁକ୍ତି ଚାହୁଁଥିବେ ତା ପୂର୍ବରୁ ଯେପରି ସେ ଏଥିପାଇଁ ଆଗୁଆ ଆବେଦନ କରିପାରିବେ ସେଥି ନିମନ୍ତେ ବ୍ୟବସ୍ଥା ରଖାଯିବ ।

୧୯. ଜଣେ ଲୋକ ଚାହିଁଲେ ନିଯୁକ୍ତି ପାଇଁ ଏକାଧିକ ଆବେଦନପତ୍ର ମଧ୍ୟ ଦେଇପାରିବେ । ଏଥିପାଇଁ ତାଙ୍କୁ କେବଳ ଏତିକି ଦେଖିବାକୁ ହେବ ଯେ ସେ ଗୋଟିଏ ଆବେଦନପତ୍ରରେ ଯେଉଁ ସମୟ ଭିତରେ ନିଯୁକ୍ତି ଚାହୁଁଥିବେ ଆଉ ଗୋଟିଏ ଆବେଦନପତ୍ରରେ ମଧ୍ୟ ସେହି ସମୟକୁ ଲେଖି ନଥିବେ ।

୨୦. ଗ୍ରାମପଞ୍ଚାୟତ ନିଜେ ବା କାହା ଦ୍ୱାରା ଯୋଜନାରେ ଉଲ୍ଲେଖ କରାଯାଇଥିବା ନିୟମ ମୁତାବକ ନିଯୁକ୍ତି ପାଇଁ ଆବେଦନ କରିଥିବା ପରିବାର ପାଇଥିବା ଜବ-କାର୍ଡ଼, ବେକାରୀଭତ୍ତାର ପାସବୁକ୍, ନାମ, ବୟସ, ପରିବାର ମୁଖ୍ୟଙ୍କର ଠିକଣା ଏବଂ ସେହି ପରିବାରରୁ ନିଯୁକ୍ତି ପାଇଁ ଆବେଦନକରିଥିବା ସଦସ୍ୟମାନଙ୍କର ନାମ, ବୟସ ଓ ଠିକଣା ଥାଇ ଖାତା ବା ରେଜିଷ୍ଟର ପ୍ରସ୍ତୁତ କରିବା ସହ ସେସବୁର ପରିଚାଳନା କରିବେ ।

୨୧. ଗ୍ରାମ ପଞ୍ଚାୟତ ଏହି ସବୁ ନିଯୁକ୍ତିପାଇଁ ପଞ୍ଜିକୃତ ହୋଇଥିବା ଲୋକଙ୍କ ନାମ ଓ ଠିକଣାର ତାଲିକାକୁ ଯୋଜନା ମୁତାବକ ନିର୍ଦ୍ଧାରିତ ସମୟ ଓ ପଦ୍ଧତି ଅନୁସାରେ ସମ୍ପୃକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କ ପାଖକୁ ପଠାଇବେ ।

୨୨. ଯେଉଁ ଲୋକମାନଙ୍କୁ ନିଯୁକ୍ତି ଦିଆଯାଇସାରିଛି ସେମାନଙ୍କ ତାଲିକା ଗ୍ରାମପଞ୍ଚାୟତ ଏବଂ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦପ୍ତରର ନୋଟିସବୋର୍ଡ଼ ବା ସେ ଯେଉଁଠାରେ ଲଗାଯିବା ଉଚିତ ବୋଲି ମନେ କରିବେ ସେଠାରେ ଲଗାଯିବ । ଏହି ତାଲିକାକୁ ରାଜ୍ୟ ସରକାର ବା ଅନ୍ୟ କେହି ଚାହିଁଲେ ଦେଖି ପାରିବେ ।

୨୩. ଯଦି ଗ୍ରାମପଞ୍ଚାୟତର ହୃଦବୋଧ ହୁଏ ଯେ କୌଣସି ଆବେଦନକାରୀ ତାଙ୍କ ବିଷୟରେ ମିଛକଥାସବୁ ଲେଖି ପଞ୍ଜିକୃତ ହୋଇଛନ୍ତି, ତେବେ ସେ ସେଭଳି ଆବେଦନକାରୀଙ୍କ ନାମ ତାଲିକାରୁ ବାଦ୍‌ଦେବାକୁ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ପାରିବେ ଓ ଏହି ଆବେଦନକାରୀଙ୍କୁ ତାଙ୍କ ଜବ-କାର୍ଡ଼ ବା କର୍ମନିଯୁକ୍ତି ପତ୍ର ଫେରେଇ ନେବାକୁ ନିର୍ଦ୍ଦେଶ ଦେଇପାରିବେ । ତେବେ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ପୂର୍ବରୁ ସମ୍ପୃକ୍ତ ଆବେଦନକାରୀଙ୍କୁ ତାଙ୍କ କଥା ଦୁଇଜଣ ନିରପେକ୍ଷ ବ୍ୟକ୍ତିଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ସୁଯୋଗ ଦିଆଯିବ । ସେଭଳି କରାନଯାଇ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ।

୨୪. ଏହି ଯୋଜନା ଅଧିନରେ କାମ କରୁଥିବା ସମୟରେ ଯଦି କୌଣସି ବ୍ୟକ୍ତି ଆହତ ହୁଅନ୍ତି ତେବେ ତାଙ୍କୁ ଯୋଜନାରେ ଥିବା ନିୟମ ମୁତାବକ ମାଗଣା ଚିକିତ୍ସାସେବା ଯୋଗାଇ ଦିଆଯିବ ।

୨୫. ଯେଉଁଠାରେ ଆହତ ଶ୍ରମିକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାର ଆବଶ୍ୟକତା ପଡ଼ିବ, ସେଠାରେ ରାଜ୍ୟ ସରକାର ସମ୍ପୃକ୍ତ ଶ୍ରମିକଙ୍କର ଡାକ୍ତରଖାନାରେ

ଭର୍ତ୍ତି ହେବା, ଚିକିତ୍ସା, ଔଷଧପତ୍ର ଖର୍ଚ୍ଚ ସହିତ ସେ କାମ କରୁଥିବାବେଳେ ଯେତିକି ମଜୁରୀ ପାଇଥାଆନ୍ତେ ତା'ର ଅଧା ମଜୁରୀ ପ୍ରଦାନ କରିବେ ।

୨୬. ଯଦି କୌଣସି ଶ୍ରମିକ କାମକରୁଥିବା ଅବସ୍ଥାରେ ଦୁର୍ଘଟଣାଗସ୍ତ ହୋଇ ସବୁଦିନପାଇଁ ଅକ୍ଷମ ହୋଇଯାଆନ୍ତି ତେବେ ତାଙ୍କୁ କାମରେ ଲଗାଇଥିବା ସଂସ୍ଥା ୨୫ ହଜାର ଟଙ୍କା ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଅର୍ଥ କ୍ଷତିପୂରଣ ବାବଦରେ ଦେବେ । ଏହି କ୍ଷତିପୂରଣ ଅର୍ଥ ଆହତ ଶ୍ରମିକଙ୍କ ଆଇନ ସଂଗତ ଉତ୍ତରାଧିକାରୀଙ୍କୁ ଦିଆଯିବ ।

୨୭. କାର୍ଯ୍ୟସ୍ଥଳୀରେ ଶ୍ରମିକମାନଙ୍କ ପାଇଁ ପ୍ରାଥମିକ ଓ ଜରୁରୀ ଚିକିତ୍ସାର ସୁବିଧା ସହିତ ଶୁଦ୍ଧ ପାନୀୟ ଜଳ, ବିଶ୍ରାମସ୍ଥଳୀ, ଶ୍ରମିକମାନଙ୍କର ପିଲାମାନଙ୍କ ପାଇଁ ଆଶ୍ରୟ ସ୍ଥଳୀ ଇତ୍ୟାଦିର ସୁ ବନ୍ଦୋବସ୍ତ କରଯିବ ।

୨୮. ଯଦି କୌଣସି ସ୍ଥାନରେ ମହିଳାଶ୍ରମିକମାନେ ଛଅବର୍ଷରୁ କମ୍ ବୟସର ପିଲାମାନଙ୍କୁ ସାଙ୍ଗରେ ନେଇ କାର୍ଯ୍ୟସ୍ଥଳୀକୁ ଯାଉଛନ୍ତି ଓ ଗୋଟିଏ ସ୍ଥାନରେ ଏହିପରି ପିଲାଙ୍କ ସଂଖ୍ୟା ପାଞ୍ଚ କିମ୍ବା ଅଧିକ ହୋଇଯାଇଛି ତେବେ ସେଠାରେ ପିଲାମାନଙ୍କୁ ଯତ୍ନ ନେବାପାଇଁ ସେହି ମହିଳାଙ୍କ ମଧ୍ୟରୁ ଜଣେ ମହିଳାଶ୍ରମିକଙ୍କୁ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା କରାଯିବ ।

୨୯. ତେବେ ଏଥିପାଇଁ ସମ୍ପୃକ୍ତ ମହିଳାଙ୍କୁ ଅନ୍ୟ ମହିଳା ଶ୍ରମିକଙ୍କ ପରି ପୁରା ମଜୁରୀ ଓ ସୁବିଧାସୁଯୋଗ ଦିଆଯିବ ।

୩୦. ଏହି ଯୋଜନାରେ କାମ କରୁଥିବା ବ୍ୟକ୍ତିଙ୍କୁ ନିର୍ଦ୍ଧାରିତ ସମୟରେ ମଜୁରୀ ଦିଆନଗଲେ ମଜୁରୀ ପଇଠ ଆଇନ ୧୯୩୬ (୪ଧାରା) ଅନୁଯାୟୀ ତାଙ୍କୁ କ୍ଷତିପୂରଣ ଦିଆଯିବ ।

୩୧. ଏହି ଯୋଜନାରେ ଶ୍ରମିକମାନଙ୍କୁ ଯେଉଁ ମଜୁରୀ ଦିଆଯିବ ତାହା ହୁଏତ ସଂପୂର୍ଣ୍ଣ ନଗଦ ଅର୍ଥ କିମ୍ବା ନଗଦ ଅର୍ଥ ଓ ଖାଦ୍ୟଶସ୍ୟ ଆକାରରେ ଦିଆଯାଇପାରିବ । ତେବେ ସେଥିରୁ ଅତିକମ୍‌ରେ ଏକ ଚତୁର୍ଥାଂଶ ମଜୁରୀ ନଗଦ ଟଙ୍କା ଆକାରରେ ଦେବାକୁ ହେବ ।

୩୨. ନିଯୁକ୍ତ ସମୟ ମଧ୍ୟରେ ମଜୁରୀର କିଛି ଅଂଶ ଯେପରି ଶ୍ରମିକମାନେ ପ୍ରତ୍ୟେକ ଦିନର କାମ ଶେଷରେ ପାଇପାରିବେ ରାଜ୍ୟ ସରକାର ସେଥିପାଇଁ ବ୍ୟବସ୍ଥା କରିବେ ।

୩୩. କାମ କରୁଥିବା ଅବସ୍ଥାରେ ଯଦି କୌଣସି ଶ୍ରମିକଙ୍କର ଶିଶୁ ସନ୍ତାନ ଆହତ ହୁଏ ତେବେ ସେ ଶ୍ରମିକଙ୍କ ପରି ମାଗଣାରେ ସମସ୍ତ ଚିକିତ୍ସା ସୁବିଧା ପାଇବାକୁ ହକ୍‌ଦାର ହେବେ । ତାଙ୍କ ପିଲାର ଅକ୍ଷମ ବା ମୃତ୍ୟୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ନିୟମ ଅନୁସାରେ ଅନୁକମ୍ପାମୂଳକ ସାହାଯ୍ୟ ପାଇପାରିବେ ।

୩୪. ଏହି ଯୋଜନା ଅଧୀନରେ ଦିଆଯାଉଥିବା ନିଯୁକ୍ତି କ୍ଷେତ୍ରରେ କୌଣସି ପ୍ରକାରର ଲିଙ୍ଗଗତ ବାଛବିଚାର କରାଯିବ ନାହିଁ ଏବଂ ସମାନ ମଜୁରୀ ଆଇନ୍, ୧୯୭୬ (୨୫ଧାରା)କୁ କଡ଼ାକଡ଼ି ଭାବେ ପାଳନ କରାଯିବ ।

ବି.ଏ. ଅଗ୍ରୱାଲ,

ଅତିରିକ୍ତ ଶାସନ ସଚିବ, ଭାରତ ସରକାର

ମୂଳ ଇଂରାଜୀ

सत्यमेव जयते

ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ
(ବିଧାନ ବିଭାଗ)
ନୂଆଦିଲ୍ଲୀ

ଓଡ଼ିଆ ଭାଷାନ୍ତର

cysd

ସି.ୱାଇ.ଏସ୍.ଡ଼ି - ପଞ୍ଚାୟତିରାଜ ପ୍ରଭାଗ
ଗଙ୍ଗାଧର ମେହେର ମାର୍ଗ,
ଭୁବନେଶ୍ୱର, ଓଡ଼ିଶା

ସହଯୋଗ ରାଶି : ଟ. ୧୫.୦୦ (ପନ୍ଦର ଟଙ୍କା ମାତ୍ର)